

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୩ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 MARCH 2021

Vol.No. 32 ■ No. 68 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଏପ୍ରିଲରୁ ସ୍ୱାଭାବିକ ହେବ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ !

ଭୁବନେଶ୍ୱର,୧୨/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୧ରୁ ପୂର୍ବତଟ ରେଳପଥ ଅଧିନରେ ଥିବା ସବୁ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ ଚାଲିବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ବରିଷ୍ଠ ଜନସଂପର୍କ ଅଧିକାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ କୋଭିଡ କଟକଣା ଯୋଗୁଁ ୫୯ ଯୋଡ଼ା ଟ୍ରେନ ଚାଲୁଛି । ଏବେ ପ୍ରାୟ ୭୨ ପ୍ରତିଶତ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଛି । ଆଗାମୀ ଦିନରେ ଏହାକୁ ବୃଦ୍ଧି କରାଯିବ ଓ ଏପ୍ରିଲ ୧ ସୁଦ୍ଧା ଏହାକୁ ସଂପୂର୍ଣ୍ଣ ସ୍ୱାଭାବିକ କରାଯିବ। କୋଭିଡ କଟକଣା ଲାଗୁ ହେବା ପୂର୍ବରୁ ରାଜ୍ୟରେ ୮୯ ଯୋଡ଼ା ଟ୍ରେନ ଚଳାଚଳ କରୁଥିଲା। କିନ୍ତୁ ଏବେ ୫୯ ଯୋଡ଼ା ଚାଲୁଛି । ଟ୍ରେନ ଚଳାଚଳକୁ ସଂପୂର୍ଣ୍ଣ ସ୍ୱାଭାବିକ କରିବାକୁ ଲୋକମାନେ ନିୟମିତଭାବେ ଦାବି କରିଆସୁଛନ୍ତି। ଏହି ଦାବିକୁ ଦୃଷ୍ଟିରେ ରଖି ଟ୍ରେନ ଚଳାଚଳକୁ ସ୍ୱାଭାବିକ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ରେଳ ବୋର୍ଡ ଓ ଓଡ଼ିଶା ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି । ଏଣୁ ଆସନ୍ତା ଏପ୍ରିଲ ମାସରୁ ସବୁ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ ଚଳାଚଳ ସ୍ୱାଭାବିକ ହେବା ଆଶା କରାଯାଉଛି ବୋଲି ସେ କହିଛନ୍ତି।

### ଧାନ ମଣ୍ଡି ସମସ୍ୟାକୁ ନେଇ ବିଧାନସଭାରେ ହଙ୍ଗାମା

## ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ କଲେ ବିଜେପି ବିଧାୟକ

ଭୁବନେଶ୍ୱର,୧୨/୦୩ (ନି.ପ୍ର): ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ମାତ୍ରେ ମଣ୍ଡି ଅବ୍ୟବସ୍ଥା ପ୍ରସଙ୍ଗରେ ସରକାରକୁ ଘେରିବା ପାଇଁ ପୂରା ଦମ୍ ଲଗାଇ ଦେଇଛନ୍ତି ବିରୋଧୀ । ଆଜି ଅଧିବେଶନ ଆରମ୍ଭ ମାତ୍ରେ ବିରୋଧୀଙ୍କ ନାରାବାଜିରେ ଉଠିଥିଲା ପଡିଥିଲା ବିଧାନସଭା । ନାରାବାଜି ଭିତରେ ମଣ୍ଡିରେ ଧାନକିଣାକୁ ନେଇ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉତ୍ତର ରଖୁଥିଲେ । ଏଥିରେ ଅସନ୍ତୁଷ୍ଟ ପ୍ରକାଶ କରି ଗୃହ ମଝିକୁ ଆସିଥିଲେ ସୁବାସ ପାଣିଗ୍ରହୀ ଆଉ କେହି କିଛି ବୁଝିବା ପୂର୍ବରୁ ସେ ଏପରି ଏକ ପଦକ୍ଷେପ ନେଇଥିଲେ, ଯାହା ସମସ୍ତଙ୍କୁ ଚମକାଇ ଦେଇଥିଲା ।



ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଦେବଗଡ଼ ବିଧାୟକ । ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ସଂସଦୀୟ ବ୍ୟାପର ମନ୍ତ୍ରୀ ବିକ୍ରମ ଆରୁଖ ଓ ଅନ୍ୟ ସଦସ୍ୟମାନେ ତାଙ୍କୁ ଅଟକାଇ ଥିଲେ । ସାଇଟାଇଜର ବୋତଲ ଛଡ଼ାଇ ନେଇଥିଲେ ବିକ୍ରମ ଆରୁଖ । ଅନ୍ୟପଟେ ଚଳିତ ଖରିଫ୍ ଋତୁରେ ମଣ୍ଡିରେ ଅଧିକ ଧାନ କିଣାଯାଇଛି ବୋଲି ଗୃହରେ ଉତ୍ତର ରଖିଥିଲେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ସ୍ୱାଇଁ । ସେ କହିଥିଲେ, ରାଜ୍ୟରେ ଏପର୍ଯ୍ୟନ୍ତ ୧୯ ପ୍ରତିଶତ ଅଧିକ ଧାନ ସଂଗ୍ରହ ହୋଇଛି । ମଣ୍ଡିରେ ଧାନ ବିକିବା ସୁଯୋଗରୁ ଯେଉଁ ଚାଷୀ ବଂଚିତ ହୋଇଛନ୍ତି, ସେମାନଙ୍କ ତାଲିକା ଦେଲେ ସରକାର ପଦକ୍ଷେପ ନେବେ । ଏପଟେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୂଲତବୀ କରିଛନ୍ତି ବାଚସ୍ପତି ।

## ବିଜେପି ପକ୍ଷରୁ ଆଜି ନାମାଙ୍କନ ପତ୍ର ଦାଖଲ କଲେ ଶୁଭେନ୍ଦୁ ଅଧିକାରୀ

ଭୁବନେଶ୍ୱର,୧୨/୦୩ (ନି.ପ୍ର): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏଥର ନନ୍ଦିଗ୍ରାମରେ ହାଇଭୋଲଟେଜ୍ ଟକ୍କର । ମମତା ବାନାର୍ଜୀଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମ ଆସନରୁ ଶୁକ୍ରବାର ଭରିଛନ୍ତି ନାମାଙ୍କନ ପତ୍ର । ଏହି ଆସନରେ ଦୁଇ ହେଭିୱେଟ ମମତା ବାନାର୍ଜୀ ଏବଂ ଶୁଭେନ୍ଦୁ ଅଧିକାରୀଙ୍କ ମଧ୍ୟରେ ଟକ୍କର ହେବାକୁ ଯାଉଛି । ତେବେ ନାମାଙ୍କନ ଭରିବା ପରେ ନିଜର ବିଜୟ ନେଇ ଇସାରା କରିଛନ୍ତି ଶୁଭେନ୍ଦୁ । ନାମାଙ୍କନ ପତ୍ର ଭରିବା




ଆଗରୁ ସଭା କରିଥିଲେ ଶୁଭେନ୍ଦୁ । ଏଥିରେ ସାମିଲ ହୋଇଥିଲେ ବିଜେପିର କେନ୍ଦ୍ରୀୟ ନେତା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଏବଂ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ନନ୍ଦିଗ୍ରାମ ଜନତାଙ୍କୁ ଆହ୍ୱାନ କରିଛନ୍ତି ସ୍ମୃତି ଇରାନୀ । କହିଛନ୍ତି ଯିଏ ବିଜେପି କର୍ମୀଙ୍କୁ ହତ୍ୟା କରୁଛନ୍ତି, ଯିଏ ପୂଜା ପାଠ ପାଇଁ ଅନୁମତି ଦେଉନାହାନ୍ତି ତୁମେ କଣ ତାଙ୍କୁ ଭୋଟ୍ ଦେବ? ଏଥର ପଶ୍ଚିମବଙ୍ଗରେ ନନ୍ଦିଗ୍ରାମ ଦେବ ମୁଖ୍ୟମନ୍ତ୍ରୀ । କାରଣ ଏହି ଆସନରୁ ବିଜେପି ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରାର୍ଥୀ କରିଥିବା ବେଳେ, ଟିଏମସି ଟିକେଟରୁ ପ୍ରାର୍ଥୀ ହୋଇଛନ୍ତି ମମତା ବାନାର୍ଜୀ । ଅର୍ଥାତ୍ ନନ୍ଦିଗ୍ରାମ ଆସନର ଜିଏ ଜିତିବ, ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ଗାଦିର ଦାବିଦାର ରହିବ । ଏହି କାରଣରୁ ଏହି ଆସନକୁ ଦଖଲ କରିବାକୁ ସବୁ ବଳ ଲଗେଇ ଦେଇଛନ୍ତି ବିଜେପି ଏବଂ ଟିଏମସି ।

## ବନ୍ଦ ହେଲା ବିଜୁ ଯୁବ ବାହିନୀ

### ବିଧାନସଭାରେ ଉତ୍ତର ରଖି ସୂଚନା ଦେଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର,୧୨/୦୩ (ନି.ପ୍ର): ବିଜୁ ଯୁବ ବାହିନୀକୁ ୨୦୧୮ରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ଦେଇଥିଲା । ବେଶ ଧୁମଧାମରେ ଆରମ୍ଭ ହୋଇଥିଲା ଏହି ଯୋଜନା । ଲକ୍ଷ୍ୟ ଥିଲା, ରାଜ୍ୟର ବିକାଶରେ ଯୁବପିଢ଼ିର ଯୋଗଦାନକୁ ତ୍ୱରାନ୍ୱିତ କରିବ ବିଜୁ ଯୁବ ବାହିନୀ । ୬୮୨୯ ଗ୍ରାମ ପଂଚାୟତରେ ୭୪୮୯ ଗ୍ରୁପ୍ ଗଠନ କରାଯାଇଥିଲା । ଏଥିରେ ସଦସ୍ୟ ଥିଲେ ୨ଲକ୍ଷ ୬୪ ହଜାରରୁ ଅଧିକ । ହେଲେ ଏବେ ବନ୍ଦ ହୋଇଯାଇଛି ସରକାରଙ୍କ ଏହି ଯୋଜନା । ବିଜୁ ଯୁବ ବାହିନୀର ସ୍ଥିତି କ'ଣ ଏବଂ ଏଥିଲାଗି କେତେ ଖର୍ଚ୍ଚ ହେଉଛି, ଏ ନେଇ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି-୨୦୨୦-୨୧ ଆର୍ଥିକ ବର୍ଷରେ ବିଜୁ ଯୁବ ବାହିନୀ ପାଇଁ ଅର୍ଥବ୍ୟବସ୍ଥା ହୋଇନାହିଁ। ବିଜୁ ଯୁବ ବାହିନୀ ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ । ରାଜ୍ୟର



କୌଣସି ଅଂଚଳରେ କାର୍ଯ୍ୟକ୍ରମ କରାଯାଉନାହିଁ । ତେଣୁ ଖର୍ଚ୍ଚର କୌଣସି ଅବକାଶ ନାହିଁ । ବିଜୁ ଯୁବ ବାହିନୀ ପାଇଁ ୪୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତି ନେଇଥିଲେ ସରକାର । ୨୦୧୮-୧୯ରେ ବିଜୁ ଯୁବ ବାହିନୀର କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ ହୋଇଥିଲା ୧୦୦ କୋଟିରୁ ଅଧିକ । ସେଥିରୁ ଖେଳ ଉପକରଣ ପାଇଁ ୩୯ କୋଟି, 'ମୋ ହିରୋ' କାର୍ଯ୍ୟକ୍ରମ ପାଇଁ ୧୯ କୋଟି, ସମାବେଶ ପାଇଁ ୧୮ କୋଟି ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଥିଲା ୨୩ କୋଟି ଟଙ୍କା । ଏବେ ପ୍ରଶ୍ନ ଉଠୁଛି – ଏତେ ଆଡମ୍ବରରେ ଗଢ଼ାଯାଇଥିବା ବିଜୁ ଯୁବ ବାହିନୀକୁ କାହିଁକି ବନ୍ଦ କଲେ ସରକାର? ଯଦି ବନ୍ଦ କରିବାର ଥିଲା, କାହିଁକି ବରବାଦ କଲେ ଏତେ ଟଙ୍କା ?

## ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



କୋଲକାତା /ଭୁବନେଶ୍ୱର,୧୨/୦୩ (ନି.ପ୍ର): ତିନିଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନନ୍ଦିଗ୍ରାମ ଏବଂ ହଳଦିଆ ବିଧାନସଭା ନିର୍ବାଚନ ମଣ୍ଡଳିରୁ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ନନ୍ଦିଗ୍ରାମ ବିଧାନସଭା ନିର୍ବାଚନ ମଣ୍ଡଳି ପାଇଁ ପ୍ରାର୍ଥୀ ହୋଇଥିବା ସୁଭେନ୍ଦୁ ଅଧିକାରୀଙ୍କ ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ଆୟୋଜିତ ହୋଇଥିବା ବିଶାଳ ସଭାଯାତ୍ରାରେ ଯୋଗଦେଇଥିଲେ। ଏହି ସଭାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଭାରତ ସରକାର ଚାହୁଁଛନ୍ତି ପଶ୍ଚିମବଙ୍ଗର ପରିବର୍ତ୍ତନ ହଳଦିଆ, ନନ୍ଦିଗ୍ରାମ ଓ ପୂର୍ବ ମେଦିନାପୁରରୁ ଆରମ୍ଭ ହେଉ। ▶▶ପୃଷ୍ଠା ୭

## କେମିତି ରହିଛି ଜଙ୍ଗଲ ସ୍ଥିତି? ରିପୋର୍ଟ ଦେଲେ ଟାସ୍କ ଫୋର୍ସ ମୁଖ୍ୟ

ଭୁବନେଶ୍ୱର,୧୨/୦୩ (ନି.ପ୍ର): ଜଙ୍ଗଲ ସ୍ଥିତିକୁ ନେଇ ୨୪ ଘଣ୍ଟାର ରିପୋର୍ଟ ଦେଇଛନ୍ତି ଟାସ୍କ ଫୋର୍ସ ମୁଖ୍ୟ । ବର୍ତ୍ତମାନ ସୁଦ୍ଧା ଜଙ୍ଗଲ ନିଆଁ ନିୟନ୍ତ୍ରଣରେ ରହିଥିବା ରିପୋର୍ଟରେ ଉଲ୍ଲେଖ । ଶିମିଳିପାଳରେ ୯ଟି ଫାୟାର ଆଲର୍ଟ ସମେତ ମୋଟ ୭୦୦ଟି ଫାୟାର ଆଲର୍ଟ ପଞ୍ଜିକରଣ କରାଯାଇଛି । ଶିମିଳିପାଳର କିଛି ଅଂଶରେ ବର୍ଷା ହୋଇଥିବାରୁ ନିଆଁ ନିୟନ୍ତ୍ରଣକୁ ଆସିବ ବୋଲି କୁହାଯାଇଛି । ରାଜ୍ୟରେ ଗ୍ରୀଷ୍ମ



ପ୍ରବାହ ଯୋଗୁଁ ଯେପରି ନିଆଁ ବିସ୍ତାର ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ବନକର୍ମଚାରୀଙ୍କୁ କୁହାଯାଇଛି । ରାତିରେ ପାଟ୍ରୋଲିଂ କରିବା ସହ ଅଗ୍ନି ସତର୍କତା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି । ସମସ୍ତ ଜଙ୍ଗଲ କ୍ଷେତ୍ର କର୍ମଚାରୀଙ୍କ ଛୁଟି ସରକାର ବାତିଲ କରିଛନ୍ତି ।

## କରୋନା ଟେଷ୍ଟିଂ ଅବଧି ଏପ୍ରିଲ ୩୦ ଯାଏଁ ବଢିଲା

ଭୁବନେଶ୍ୱର,୧୨/୦୩ (ନି.ପ୍ର): ରାଜ୍ୟରେ କରୋନା ଟେଷ୍ଟିଂ ଅବଧିକୁ ଏପ୍ରିଲ ୩୦ ତାରିଖ ଯାଏଁ ବୃଦ୍ଧି କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର। ପୂର୍ବରୁ ଟେଷ୍ଟିଂ ଅବଧି ମାର୍ଚ୍ଚ ଶେଷ ଯାଏଁ ଘୋଷଣା ହୋଇଥିଲା। ଏଥିସହ ସେ କହିଛନ୍ତି ଯେ ଜିଲ୍ଲାମାନଙ୍କରେ ମଧ ଟେଷ୍ଟିଂ ବଢ଼ାଇବାକୁ ଗୁରୁତ୍ୱ ଦିଆଯାଉଛି। ଜଣେ ସ୍ୱତନ୍ତ୍ର ସଚିବଙ୍କ ସହ ୩୦ଟି ଜିଲ୍ଲା ପାଇଁ ୬ଜଣ ଡାକ୍ତରଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି ପ୍ରଦୀପ୍ତ ମହାପାତ୍ର। କିଛି ରାଜ୍ୟରେ ହଠାତ କରୋନା ସଂକ୍ରମଣ ବଢ଼ିଯାଇଛି, ହେଲେ ଓଡ଼ିଶାରେ ନିୟନ୍ତ୍ରଣାଧୀନ ରହିଛି। ୫ଟି ରାଜ୍ୟରୁ ଆସୁଥିବା ଲୋକଙ୍କ ପ୍ରତି ନିଘା ରଖାଯାଇଛି। ଏୟାରପୋର୍ଟ ଓ ରେଳ



ଷ୍ଟେସନରେ ଯାଂଚ ହେଉଛି। ଏହାସହ ସନ୍ଦିଗ୍ଧମାନଙ୍କର କୋଭିଡ୍ ଟେଷ୍ଟ କରାଯାଉଛି। ବିମାନବନ୍ଦରରେ ନିୟମିତ ଚେକ କରାଯାଉଛି। ବିମାନଯାତ୍ରୀମାନେ ଆରଟି ପିସିଆର ଟେଷ୍ଟ ରିପୋର୍ଟ ନେଇ ଆସୁଛନ୍ତି। ରାଜ୍ୟରୁ ଟ୍ରେନରେ ଆସୁଥିବା ଲୋକଙ୍କର ବି ଚେକିଂ କରାଯାଉଛି। ଟ୍ରେନରେ ଯେଉଁମାନେ ଆସିବେ ଲକ୍ଷଣ ରହିଥିଲେ, ସେମାନଙ୍କର ଆରଟି ପିସି ଆର ଟେଷ୍ଟ କରାଯିବ। ଯଦି ପଜିଟିଭ ବାହାରେ ତେବେ ଆଇସୋଲେସନ, କୋଭିଡ ହସ୍ପିଟାଲ କିମ୍ବା ହୋମ ଆଇସୋଲେସନରେ ରଖାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଇଂଜିନିୟରିଂ ଓ ପଲିଟେକନିକ୍ ପିଲାଙ୍କ ହଷ୍ଟେଲ ଫି ଛାଡ଼

ଭୁବନେଶ୍ୱର,୧୨/୦୩ (ନି.ପ୍ର): ମହାମାରୀ କରୋନା ପାଇଁ ଇଂଜିନିୟରିଂ ଓ ପଲିଟେକନିକ୍ ପିଲାଙ୍କ ହଷ୍ଟେଲ ଫି ଛାଡ଼ କରିଛନ୍ତି ରାଜ୍ୟ ସରକାର। ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ମହାମାରୀ ଯୋଗୁଁ ଲକ୍ ଡାଉନ୍ ସମୟରେ ରାଜ୍ୟର ସମସ୍ତ ସରକାରୀ ବୈଷୟିକ ବିଶ୍ୱବିଦ୍ୟାଳୟ, ଇଂଜିନିୟରିଂ କଲେଜ୍ ଓ ପଲିଟେକ୍ନିକ୍ ଏପ୍ରିଲ ୨୦୨୦ ଠାରୁ ଡିସେମ୍ବର ୨୦୨୦ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଛାତ୍ରଛାତ୍ରୀମାନେ ଏହି ସମୟରେ ହଷ୍ଟେଲ ସୁବିଧାର ଉପଯୋଗ କରି ନ ଥିଲେ। ତେଣୁ ରାଜ୍ୟ ସରକାର ଏହି ଅନୁଷ୍ଠାନମାନଙ୍କରେ ଅଧ୍ୟୟନରତ ୧୭,୦୧୨ ଛାତ୍ରଛାତ୍ରୀମାନଙ୍କର



ହଷ୍ଟେଲ ଫି' ଆନୁମାନିକ ୫ କୋଟି ୧୦ ଲକ୍ଷ ଟଙ୍କା ଛାଡ଼ କରିବା ପାଇଁ ନିଷ୍ପତି ନେଇଛନ୍ତି। ପୂର୍ବରୁ ଆଇଟିଆଇ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଫି ଛାଡ଼ କରିଥିଲେ ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ସରକାରୀ ଆଇଟିଆଇରେ ପଢୁଥିବା ଛାତ୍ରଛାତ୍ରୀଙ୍କ ୯ ମାସର ହଷ୍ଟେଲ ଫି' ଛାଡ଼ କରାଯାଇଥିଲା। ଯାହାଦ୍ୱାରା ୩୦ ହଜାର ଛାତ୍ରଛାତ୍ରୀ ଉପକୃତ ହୋଇଥିଲେ। ସେହିପରି ମାଟ୍ରିକ ପରୀକ୍ଷା ଫି' ଛାଡ଼ ଘୋଷଣା ଦ୍ୱାରା ୬ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହୋଇଥିଲେ। ଫି' ଛାଡ଼ ପାଇଁ ପ୍ରତି ପିଲାଙ୍କୁ ୪୨୦ ଟଙ୍କା ହିସାବରେ ୨୭ କୋଟି ବ୍ୟୟଭାର ବହନ କରିବେ ସରକାର।

## ୧୧ଟି ଜିଲ୍ଲାରେ ଘୂର୍ଣ୍ଣି ଝଡ ସମ୍ଭାବନା

ଭୁବନେଶ୍ୱର,୧୨/୦୩(ନି.ପ୍ର): ଦକ୍ଷିଣ-ପୂର୍ବ ମଧ୍ୟ ପ୍ରଦେଶ ଓ ଏହାର ଆଖପାଖ ଅଂଚଳରେ ଏକ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତାକାଲି (୧୩ ତାରିଖ ସକାଳ ଠାରୁ ୧୪ ତାରିଖ ସକାଳ ମଧ୍ୟରେ) ରାଜ୍ୟର ଉତର ଉପକୂଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ,ଖୋର୍ଦ୍ଧା, ନୟାଗଡ, ପୁରୀ ଓ ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଏଭଳି ସ୍ଥିତି ଦେଖାଯାଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଅପରପକ୍ଷରେ ଘୂର୍ଣ୍ଣିଝଡ ଓ ବଜ୍ରପାତ ଆଶଙ୍କା ଥିବା ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ ଓ ଢେଙ୍କାନାଳ।

## ଗୋଟିଏ ଦିନରେ ୬୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୨/୦୩(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୮୦୫୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୫୪୦୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୬୭୭ ରହିଛି। ଆଜି ଚିହ୍ନଟ ହୋଇଥିବା ୬୪ ଜଣଙ୍କ ମଧ୍ୟରୁ ୩୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ▶▶ପୃଷ୍ଠା ୭

## କରୋନାର ଦ୍ୱିତୀୟ ଲହରକୁ ନେଇ ଏବେ ଚାରିଆଡେ ଭୟ

### ଟିକାକରଣରେ ଓଡିଶାର ସ୍ଥାନ କେତେ ?

ଭୁବନେଶ୍ୱର,୧୨/୦୩ (ନି.ପ୍ର): କୋଭିଡ ସହିତ ଚାଲିଥିବା ଲଢେଇ ଭିତରେ ଏବେ ସବୁଠାରୁ ବଡ ଚ୍ୟାଲେଂଜ ପାଲଟିଛି ଟିକାକରଣ । ଆଉ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି । ଟିକା ଦେବାରେ ଓଡିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଏ ପର୍ଯ୍ୟନ୍ତ ୯୦ ପ୍ରତିଶତରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ଏବଂ ଫ୍ରଣ୍ଟଲାଇନ ୱାର୍କରଙ୍କୁ ଟିକାର ଦ୍ୱିତୀୟ ଡୋଜ ଦିଆଚାଲିଛି । ମେ ୧୫ ସୁଦ୍ଧା ୪୬ ଲକ୍ଷ ବୟସ୍କ ଲୋକଙ୍କୁ ଟିକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ଦୈନିକ ଏକଲକ୍ଷ ଲୋକଙ୍କୁ ଟିକା ଦେବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ୨୦୨୧ ଜାନୁଆରୀ ମାସରେ କେନ୍ଦ୍ର ସରକାର ଘୋଷଣା କରିଥିଲେ ଯେ, ଜୁଲାଇ ମାସ ସୁଦ୍ଧା ୩୦ କୋଟି ଲୋକ ଟିକା ନେବେ । କିନ୍ତୁ ମାର୍ଚ୍ଚ ୧୨ ତାରିଖ ସୁଦ୍ଧା ଯଦି ଏହି ତଥ୍ୟକୁ ଦେଖାଯାଏ ତେବେ ଧାର୍ଯ୍ୟ ସଂଖ୍ୟା ଠାରୁ ଆମେ ବହୁତ ପଛରେ ପଡିଯାଇଛେ । ବର୍ତ୍ତମାନର ତଥ୍ୟକୁ ଯଦି ଦେଖାଯାଏ ତେବେ ହାତଗଣତି କିଛି ରାଜ୍ୟ ଟିକାକରଣ ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୧୦ ପ୍ରତିଶତ କରିପାରିଛନ୍ତି । ସବୁଠୁ ଉପରେ ରହିଛି ରାଜସ୍ଥାନ । ସେଠାରେ ୨୩ ଲକ୍ଷ ୩୦ ହଜାର ଲୋକ ଟିକା ନେଇଥିବା ବେଳେ ଗୁଜୁରାଟରେ ୧୯.୫ ଲକ୍ଷ, ମହାରାଷ୍ଟ୍ରରେ ୧୯.୪ଲକ୍ଷ ଥିବା ବେଳେ ଓଡିଶାରେ ଟିକା ନେଇଛନ୍ତି ୯ଲକ୍ଷ ୧୦ହଜାର ଲୋକ । ହିମାଚଳ ପ୍ରଦେଶରେ ସବୁଠାରୁ କମ ୧ଲକ୍ଷ ୮୦ହଜାର ଲୋକ ଟିକା ନେଇଛନ୍ତି । ଯଦି ଜାରି ରହିଥିବା ପ୍ରକ୍ରିୟାରେ ଟିକାକରଣ ଚାଲେ ତେବେ ନିର୍ଦ୍ଧାରିତ ସମୟରେ ଧାର୍ଯ୍ୟ ସଂଖ୍ୟକ ଟିକାକରଣ କରିବା ହୁଏତ ସମ୍ଭବ ନ ହୋଇପାରେ । ତେଣୁ ଏହି ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଜରୁରୀ ହୋଇପଡିଛି ।

# ୨ରୁ ଅଧିକ ଡାଏଟ୍ ସୋଡ଼ା ବଢ଼ାଏ ଷ୍ଟ୍ରୋକ୍ ରିସ୍କ




ଦ ଆମେରିକାନ୍ ହାର୍ଟ ଆସୋସିଏସନ୍ (ଏଏଚଏ) ଏବଂ ଆମେରିକାନ ଷ୍ଟ୍ରୋକ ଆସୋସିଏସନ୍ (ଏଏସଏ) ପ୍ରାୟ ୮୨,୦୦୦ମହିଳାଙ୍କୁ ନେଇ ଏହି ଗବେଷଣା କରିଥିଲେ । ଏହି ମହିଳାମାନଙ୍କ ବୟସ ୫୦ରୁ ୭୯ ବର୍ଷ ମଧ୍ୟରେ ରହିଥିଲା । ଗବେଷକମାନେ ଜାଣିବାକୁ ପାଇଥିଲେ ଯେ ଏମାନଙ୍କ ମଧ୍ୟରୁ କେବଳ ୫.୧ ପ୍ରତିଶତ ମହିଳା ନିୟମିତ ଭାବେ ଦୁଇଟିରୁ ଅଧିକ ଡାଏଟ୍ ସୋଡା ନେଉଥିଲେ । ସମୁଦାୟ ମହିଳାମାନଙ୍କ ମଧ୍ୟରୁ ୨୩ ପ୍ରତିଶତଙ୍କଠାରେ ଷ୍ଟ୍ରୋକ୍ ଓ ୨୯ ପ୍ରତିଶତଙ୍କଠାରେ ହୃଦରୋଗ ଆଶଙ୍କା ଅଧିକ ରହିଥିଲା ।

ଦିନକୁ ୨ଥରରୁ ଅଧିକ ଡାଏଟ୍ ସୋଡା ପିଉଥିବା ମହିଳାଙ୍କ ଠାରେ ପୂର୍ବରୁ (ଅର୍ଥାତ୍ ଡାଏଟ୍ ସୋଡା ନେଉ ନଥିବା ସମୟରେ) ମଧୁମେହ ଓ ହୃଦଘାତର ଆଶଙ୍କା ନ ଥିଲା । ମାତ୍ର ଏବେ ସେମାନଙ୍କ ଠାରେ ୨.୪୪ ଗୁଣା ଅଧିକ ଆଶଙ୍କା ବଢ଼ିଛି । ଆଫ୍ରିକୀୟ ଓ ଆମେରିକୀୟ ମହିଳାଙ୍କଠାରେ ଏହି ଆଶଙ୍କା ୩.୯୩ ଗୁଣ ବଢ଼ିଥିବା ବେଳେ ମୋଟାପଣ ଥିବା ମହିଳାଙ୍କଠାରେ ବଢ଼ିଛି ୨.୦୩ ଗୁଣ ।

ଗବେଷକମାନେ ଡାଏଟ୍ ସୋଡା ଫ୍ରୁଟ୍ ଜୁସ୍ ଓ ଚା' ଆଦି ପାନୀୟ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ବୋଲି ଜାଣିବାକୁ ପାଇଛନ୍ତି । ଏହି ସର୍ଭେର ମୁଖ୍ୟ ଗବେଷକ ଯସ୍ମିନ୍ ମୋସାବର ରହମାନୀ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି, ବିଶେଷକରି ମୋଟା ଲୋକମାନେ ଭୋଜନରେ କ୍ୟାଲୋରୀ କମ କରିବା ପାଇଁ ଏହି କମ କ୍ୟାଲୋରୀଯୁକ୍ତ ପାନୀୟ ଗ୍ରହଣ କରିଥାନ୍ତି । 'ଆମ ଗବେଷଣା ତଥା ଅନେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହି କୃତ୍ରିମ ମିଠା ପାନୀୟ ଆଦୌ ହାନିରହିତ ହୋଇ ନପାରେ ଏବଂ ଅଧିକ ବ୍ୟବହାର ଯୋଗୁ ଷ୍ଟ୍ରୋକ ଓ ହୃଦରୋଗର ଆଶଙ୍କା ବଢ଼ିଥାଏ ।'

ମୋସାବର ରହମାନୀ କହିଛନ୍ତି, ଆମେ ଜାଣିନାହୁଁ ଯେ କେଉଁ ଖାଦ୍ୟ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ, କେଉଁମିଠା ପାନୀୟ କେତେ କ୍ଷତିକାରକ ଓ କେଉଁ ପାନୀୟ ଲାଭଦାୟକ ।

ଡିମନେସିଆ ବଢ଼ାଇବାରେ ମଧ ଡାଏଟ୍ ସୋଡା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।



ଆପଣମାନେ ନିୟମିତ ଡାଏଟ୍ ସୋଡା ନେବା ଦ୍ୱାରା ଶରୀର ଉପରେ ଏହାର ସକାରାତ୍ମକ ପ୍ରଭାବ ଅନୁଭୂତ କରିଥିବେ । କିନ୍ତୁ ସର୍ଭେରୁ କିଛି ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି । ଜର୍ଣ୍ଣାଲ ଷ୍ଟ୍ରୋକରେ ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରତିଦିନ ଦୁଇ ବା ତତୋଧିକ ଡାଏଟ୍ ସୋଡା ନେବା ଦ୍ୱାରା ଷ୍ଟ୍ରୋକ ଓ ଶୀଘ୍ର ମୃତ୍ୟୁର ଆଶଙ୍କା ସୃଷ୍ଟି ହୋଇଥାଏ ।




# ଥାଇରଏଡରୁ ବଢୁଛି ଓଜନ ?



ଆଜିକାଲି ଥାଇରଏଡ୍ ସମସ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ଥାଇରଏଡ୍ ଗ୍ରନ୍ଥି ଆମ ଶରୀରର ମେଟାବଲିଜିମକୁ ନିୟନ୍ତ୍ରିତ କରିଥାଏ । ତେଣୁ ଥାଇରଏଡ୍ ସମସ୍ୟା ଦେଖା ଦେଲେ ଓଜନ ବହୁତ ବଢ଼ିଥାଏ । ଆଉ ଆପଣ ହାଇପୋଥାଏରଡିଜିମର ଶିକାର ହୋଇଥାନ୍ତି । ଅନେକ ସମୟରେ ଦେଖିବାକୁ ମିଳେ । ଥାଇରଏଡର ଶିକାର ହେବା ପରେ କିଛି ଲୋକଙ୍କଠାରେ ଓଜନ ବଢୁଥିବା ବେଳେ ଆଉ କିଛି ଲୋକଙ୍କର ଓଜନ କମିଯାଇଥାଏ ବିଶେଷତଃ ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଦେଇଥାଏ । ଥାଇରଏଡ୍ ହେବା ପରେ ଏହି ଗ୍ରନ୍ଥି ଠିକ ଭାବରେ କାମ କରିନଥାଏ । ଆଉ ଦୁଇ ପ୍ରକାର ଭାବେ ଅସନ୍ତୁଳନ ଦେଖା ଦେଇଥାଏ । ତେଣୁ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ । କେତେବେଳେ ଥାଇରଏଡ୍ ଗ୍ରନ୍ଥି କମ ମାତ୍ରାର ହରମୋନ କ୍ଷରଣ କରିଥାଏ । ଏହାକୁ ହାଇପରଥାଇରଏଡଜିମ୍ କୁହାଯାଏ । ଅନ୍ୟପଟରେ ଗ୍ରନ୍ଥିରେ ଅଧିକ ହରମୋନ କ୍ଷରଣ ହେଲେ ହାଇପୋଥାଏରଡିଜିମ କୁହାଯାଏ । ଯଦି ଥାଇରଏଡ୍ ଯୋଗୁ ଓଜନ ବଢୁଥାଏ, ତେବେ ଆପଣ ହାଇପୋଥାଏରଏଡଜିମର ଶିକାର ହୋଇଛନ୍ତି । ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ ଆବଶ୍ୟକ ହୋଇଥାଏ ।



### ॥ ପରୀକ୍ଷା କରନ୍ତୁ ॥

ଓଜନ ବଢ଼ିବା କେବଳ ଥାଇରଏଡର ଲକ୍ଷଣ ନୁହେଁ। ତେଣୁ ପରୀକ୍ଷା କରି ନିଅନ୍ତୁ । କେଉଁ ଥାଇରଏଡରେ ପୀଡ଼ିତ । ପରୀକ୍ଷା ପରେ ହିଁ ନିଷ୍ପତ୍ତି ନିଅନ୍ତୁ କଣ କରିବେ ।

### ॥ ଜୀବନଶୈଳୀରେ ପରିବର୍ତ୍ତନ ॥

ଥାଇରଏଡ ଯୋଗୁ ଓଜନ କମୁଥିଲେ, ଆବଶ୍ୟକ ପୋଷଣ ପାଇବା ପାଇଁ ଖାଦ୍ୟପାନୀୟ କିଛିଟା ସୁଧାର ଆଣନ୍ତୁ । ନିୟମିତ ବ୍ୟାୟାମ ସହ ଭୋଜନର ମାତ୍ରା କମ କରି ସାଲାଡ ଓ ସିଝା ପରିବା ସାମିଲ କରନ୍ତୁ । ଏଥିସହିତ ଖାଦ୍ୟରେ ଲୁଣର ମାତ୍ରାକୁ ନିୟନ୍ତ୍ରିତ କରନ୍ତୁ ।

### ॥ ନିଅନ୍ତୁ ଗ୍ରୀନ ଟି ॥



ଆଜିକାଲି ପ୍ରାୟ ଲୋକ ଓଜନ କମ କରିବା ପାଇଁ ଗ୍ରୀନ ଟି କୁ ପସନ୍ଦ କରୁଛନ୍ତି । ଏହା ଶରୀରର କୋଲେଷ୍ଟ୍ରଲସ୍ତରକୁ କମ କରିଥାଏ, ଯାହା ଫଳରେ ଓଜନ କମିଥାଏ । କିନ୍ତୁ ମନେ ରଖନ୍ତି ଥାଇରଏଡ ରୋଗୀଙ୍କ କ୍ଷେତ୍ରରେ ଗ୍ରୀନଟି ଅନେକ ସମୟରେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ତେଣୁ ଏହା ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

### ॥ ଔଷଧ ନେବାକୁ ଭୁଲନ୍ତୁ ନାହିଁ ॥

ଥାଇରଏଡ ରୋଗୀଙ୍କ ମୋଟା ହେବାର ଅନ୍ୟତମ କାରଣ ହେଉଛି ଔଷଧରେ ଅନିୟମିତତା । ତେଣୁ ନିୟମିତ ଔଷଧ ନେବାରେ ଅବହେଳା କରନ୍ତୁ ନାହିଁ ।

# ବୃହଦନ୍ତ୍ର କର୍କଟ ଆଶଙ୍କା କମାଏ ବ୍ୟାୟାମ



ଓଣ୍ଟାରିଓସ୍ଥିତ ୟୁନିର୍ଭସିଟି ଅଫ୍ ୱାଟରଲୁ ଏବଂ କ୍ୱିନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏକ ସର୍ଭେ କରାଯାଇଥିଲା । ମିଳିଥିବା ତଥ୍ୟ ଅନୁସାରେ ବ୍ୟାୟାମ ବୃହଦନ୍ତ କର୍କଟର କୋଷିକାମାନଙ୍କୁ ବିକଶିତ ହେବାକୁ ଦେଇନଥାଏ । ଏହି ତଥ୍ୟ ଜର୍ଣ୍ଣଲ ଅଫ୍ ଫିଜିଓଲୋଜିକାଲରେ ପ୍ରକାଶିତ ହୋଇଥିଲା । ଦୀର୍ଘ ସମୟ ଧରି ବ୍ୟାୟାମ କରିବା ଦ୍ୱାରା ତାହାର ସକାରାତ୍ମକ ପ୍ରଭାବ ଶରୀର ଉପରେ ଦେଖିବାକୁ ମିଳିଥାଏ । ଗବେଷଣା ଅନୁସାରେ ହାଇ ଇଣ୍ଟେନସିଭ ଇଣ୍ଟରନାଲ ଟ୍ରେନିଂ ୪ସପ୍ତାହ କରିବା ପରେ ସେମାନଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ଆଉ ପରେ ବୃହଦନ୍ତ୍ର କର୍କଟ କୋଷିକାମାନେ ବିକଶିତ ହେଉଛନ୍ତି କି ନାହିଁ ତା'ର ବିଶ୍ଳେଷଣ କରାଯାଇଥିଲା ।

ଗବେଷକ ଜେମ୍ସ ଡେଭିନ୍ କହିଛନ୍ତି, 'ଆମେ ଜାଣିପାରିଛୁ ଯେ ବ୍ୟାୟାମ ବୃହଦାନ୍ତ କୋଷିକାମାନଙ୍କ ବୃଦ୍ଧିକୁ କିପରି ରୋକିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ହାଇ ଇଣ୍ଟେନସିଭ ଇଣ୍ଟରନାଲ ଟ୍ରେନିଂ ବା ବ୍ୟାୟାମର ତୁରନ୍ତ ପରେ ଜଳାପୋଡ଼ା ବଢ଼ିଯାଇଥାଏ । ଯାହା କର୍କଟ କୋଷିକାମାନଙ୍କୁ କମ କରୁଥିବା ଅନୁମାନ କରାଯାଉଛି ।

ଗବେଷକଙ୍କ ମତରେ 'କେଲୋକ୍ଟେରାଲ ଟ୍ୟୁମରଠାରୁ ଦୂରେଇ ରହିବା ପାଇଁ ଶାରିରୀକ ଭାବେ ସକ୍ରିୟ ରହିବା ଖୁବ ଗୁରୁତ୍ୱପୂର୍ଣ୍ଣ ।'

# ଲବଙ୍ଗ

ସାଧାରଣ ଭାବରେ ଦେଖିବାକୁ ଗଲେ ବିଭିନ୍ନ ଘରୋଇ ଜିନିଷର ଭିନ୍ନ ଭିନ୍ନ ଔଷଧୀୟ ଗୁଣ ରହିଛି । ସେଥିମଧ୍ୟରୁ ଲବଙ୍ଗ ଅନ୍ୟତମ । ଏହା ଆଣ୍ଟିସେପ୍ଟିକ, ଆଣ୍ଟିଫୋଙ୍ଗାଲ, ଆଣ୍ଟିବ୍ୟାକ୍ଟିରିଆଲ, ଆଣ୍ଟିଅକ୍ସିଡାଣ୍ଟ ଭାବେ କାମ କରିଥାଏ । ଲବଙ୍ଗକୁ ଦାନ୍ତବିନ୍ଧା, ପେଟ ଫୁଲିବା, କାଶ, ବ୍ରୋଙ୍କାଇଟିସ୍, ଓଜନ କମାଇବା ଓ ହଜମ ପ୍ରକ୍ରିୟାକୁ ତୀବ୍ର କରିବା ପାଇଁ ବ୍ୟବହାର କରିପାରିବେ । ଏହା ବ୍ୟତୀତ ଅନ୍ୟ କେତେକ କ୍ଷେତ୍ରରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଲବଙ୍ଗ ।



- ଲବଙ୍ଗ ପାଟିରେ ଚୋବାଇଲେ ଅଧିକ ଲାଳ ବାହାରିଥାଏ, ଯଦ୍ୱାରା 'ମୁଖଶୋଷ' ମେଣ୍ଟିଥାଏ ।
- ମୁଖ ଶୋଷରୁ ଲାଳ ପେଟକୁ ଯାଇ ଆମ ହଜମ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ ।
- ଯକୃତ ରୋଗରୁ ଉପଶମ ପାଇଁ ଲବଙ୍ଗ ବେଶ୍ ଉପକାରୀ ।
- ଲବଙ୍ଗ ତେଲ ଲଗାଇବା ଦ୍ୱାରା ଦାନ୍ତ ବିନ୍ଧା ଦୂର ହୋଇଥାଏ ।
- ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରିଥାଏ, ତେଣୁ ମଧୁମେହ ପାଇଁ ମଧ ଖୁବ ଉପକାରୀ ।

# ପୁଅର ଚିକିତ୍ସା ପାଇଁ ଥିବା ଅର୍ଥରେ ଜୁଆ ଖେଳିଲେ ମାଆ

ମାଆ ଓ ସନ୍ତାନମାନଙ୍କ ସମ୍ପର୍କ ସବୁଠୁ ମଜବୁତ ଅଟେ । ହେଲେ ଯେତେବେଳେ ମାଆଟି ଶତ୍ରୁ ପାଲଟି ଯାଏ ସେତେବେଳେ ଘଟଣା ଅଲଗା ହୋଇଯାଏ । ଆଜିର ଦିନରେ ବି ମାଆଟିଏ ନିଜ ପିଲାର ସ୍ନେହକୁ ଏଡାଇ ଜୁଆ ଖେଳିବାକୁ ପସନ୍ଦ କରିବା ଘଟଣା ଦେଖିବାକୁ ମିଳିଛି । ଇଂଲଣ୍ଡରେ ଏଭଳି ଏକ ଘଟଣା ବଡ଼ ଚର୍ଚ୍ଚା ସୃଷ୍ଟି କରିଛି । ୬ବର୍ଷର ପୁଅର କ୍ୟାନସର ଚିକିତ୍ସା ପାଇଁ ମିଳିଥିବା ୯୩ ଲକ୍ଷ ଟଙ୍କାକୁ ଜୁଆରେ ଉଡାଇ ଦେଇଛନ୍ତି ୩୨ବର୍ଷିୟ ମାଆ ଷ୍ଟେସସି ବର୍ସଲି । ଲିଡସରେ ରହୁଥିବା ଷ୍ଟେସିଙ୍କ ୬ବର୍ଷର ପୁଅ ଟୋବିର ଏକ ବିରଳ କ୍ୟାନସର ହୋଇଥିଲା । ଅପରେସନ ପାଇଁ ଡାକ୍ତର କହିଥିଲେ ଦୁଇଗୋଟି ଟଙ୍କା ଖର୍ଚ୍ଚ ହେବ । ଏଥିପାଇଁ ଷ୍ଟେସି ଏକ ଫଣ୍ଡ ସେଟଅପ୍ ବନାଇଥିଲେ ଏବଂ ଏହି ଫଣ୍ଡ ମାଧ୍ୟମରେ ବଡ଼ ଅର୍ଥ ସଂଗ୍ରହରେ ମଧ ସଫଳ ହୋଇଥିଲେ । ତେବେ ପୁଅର ଚିକିତ୍ସା କରିବା ପୂର୍ବରୁ ତାର ମୃତ୍ୟୁ ହୋଇଥିଲା । ଏହି ଖରାପ ସମୟରେ ମଧ ଷ୍ଟେସି ପାଇଥିବା ଅର୍ଥକୁ ଜୁଆ ଖେଳରେ ଖର୍ଚ୍ଚ କରିବା ପାଇଁ ଅଧିକ ପସନ୍ଦ କରାଇଥିଲେ । ଏହାପରେ ତାଙ୍କ ଉପରେ ଫଣ୍ଡର ଦୁରୁପଯୋଗ ମାମଲା ରୁଜୁ ହୋଇଛି । ବର୍ତ୍ତମାନ ଲିହସର କ୍ରାଉନକୋର୍ଟରେ ଏହି ମାମଲା ଚାଲିଛି । ପୁଲିସର କହିବା ଅନୁସାରେ ଫଣ୍ଡର ଦୁରୁପଯୋଗ ସହ ପୁଅ ମୃତ୍ୟୁର କୌଣସି କାରଣ ନାହିଁ । କାରଣ ମହିଳା ଜଣଙ୍କ ପୁଅର ଚିକିତ୍ସାରେ କୌଣସି ଅବହେଳା କରିନଥିଲେ ।

# ଗର୍ଭଧାରଣ ଶତ୍ରୁ ଅନିୟନ୍ତ୍ରିତ ମଧୁମେହ



ଆଜିକାଲି ମଧୁମେହ ଏକ ସାଧାରଣ ରୋଗ ହୋଇପଡ଼ିଲାଣି । ଏହି ରୋଗ ପାଇଁ ନା ଅଛି ବୟସର କଟକଣା ନା ଅଛି ଲିଙ୍ଗଗତ ଭେଦଭାବ । ଯାହା ଫଳରେ ବିଭିନ୍ନ ବର୍ଗର ଲୋକମାନେ ଏହି ରୋଗର ଶିକାର ହେଉଛନ୍ତି । ବଂଶାନୁଗତ କାରଣ ହେଉ ଅବା ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ହେଉ ଏହି ରୋଗ କ୍ରମଶଃ ଯୁବବର୍ଗଙ୍କ ମଧ୍ୟରେ ବଢ଼ିବାରେ ଲାଗିଛି । କିନ୍ତୁ ଯଦି ମଧୁମେହ ମହିଳାଙ୍କଠାରେ ଦୀର୍ଘ ସମୟ ଧରି ଅନିୟନ୍ତ୍ରିତ ରୁହେ, ତେବେ ଗର୍ଭଧାରଣରେ ସମସ୍ୟା ଦେଖା ଦେଇପାରେ । ମଧୁମେହ ଟାଇପ-୧ ଏବଂ ଟାଇପ-୨ ଦୁଇ ଭାଗରେ ବିଭକ୍ତ । ଉଭୟ ପରିସ୍ଥିତିରେ ଶରୀରରୁ ଇନସୁଲିନ୍ ସ୍ତରକୁ ହ୍ରାସ ପାଇଥାଏ, ତେଣୁ ଇନସୁଲିନ୍ ଇଞ୍ଜେକସନ ମାଧ୍ୟମରେ ଶର୍କରାସ୍ତରକୁ ବଜାୟ ରଖିବା ପାଇଁ ଡାକ୍ତର ଇଞ୍ଜେକସନ ନେବାକୁ ପରାମର୍ଶ ଦେଇଥାନ୍ତି । ଟାଇପ-୧ ମଧୁମେହ ଶରୀରରେ ଇନସୁଲିନ ଉତ୍ପାଦନ କରୁଥିବା କୋଷିକାଗୁଡ଼ିକୁ ନଷ୍ଟ କରିଦେଇଥାଏ । ଯାହାର ଏକମାତ୍ର ବିକଳ୍ପ ହେଉଛି ଇଞ୍ଜେକସନ । ଗର୍ଭଧାରଣ ପାଇଁ ଏହା ହେଉଛି ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ । ଶରୀରରେ ଇନସୁଲିନର ସ୍ତର ଆବଶ୍ୟକତାଠାରୁ କମ ଥିବା ବେଳେ ଗର୍ଭଧାରଣ ଉଭୟ ମା' ଏବଂ ଶିଶୁଙ୍କ ପାଇଁ ପ୍ରତିକୂଳ ସାବ୍ୟସ୍ତ ହୋଇଥାଏ । ଟାଇପ-୨ ମଧୁମେହରେ ଶରୀର ଆବଶ୍ୟକ କରୁଥିବା ରକ୍ତ ଗ୍ଲୁକୋଜକୁ ଧରି ରଖିପାରିନଥାଏ, ଯାହାଦ୍ୱାରା ଶରୀରରେ ପର୍ଯ୍ୟାପ୍ତ ଇନସୁଲିନ ଉତ୍ପାଦନ ହୋଇ ପାରେନା । କେବଳ ଖାଦ୍ୟ ପାନୀୟରେ ପରିବର୍ତ୍ତନ ଏବଂ ବ୍ୟାୟାମ ଦ୍ୱାରା ଏହା ନିୟନ୍ତ୍ରିତ ହୋଇପାରେ । ଟାଇପ-୨ ମଧୁମେହର କାରଣ ହେଉଛି ଏକ ଜେନେଟିକ୍ ଫ୍ୟାକ୍ଟର । ଟାଇପ-୧ ମଧୁମେହ ଯୁବକମାନଙ୍କ ମଧ୍ୟରେ ଏକ ସାଧାରଣ ଏବଂ ଏହାର ସ୍ଥିତି ସମୟ ସହିତ ବିଗିଡ଼ି ଚାଲେ ।

## ମହିଳାଙ୍କ କ୍ଷେତ୍ରରେ ବନ୍ଧ୍ୟାତ୍ୱ ବଢ଼ାଏ

ମୋଟାପଣ ଥିବା ମହିଳାମାନଙ୍କ କ୍ଷେତ୍ରରେ ଟାଇପ-୨ ମଧୁମେହର ଆଶଙ୍କା ଅଧିକ ଥାଏ, ଏପରିକି ଇନସୁଲିନ ପ୍ରତିରୋଧ ଶକ୍ତି ମଧ ଅଧିକ ଥାଏ । ପଲିସିସଷ୍ଟିକ୍ ଓଭାରିଆନ୍ ସିଣ୍ଡ୍ରୋମ ଏବଂ ଡିସମେଟାବୋଲିକ୍ ସିଣ୍ଡ୍ରୋମ ଏକ୍ସ ହେଉଛି ମହିଳାମାନଙ୍କ କ୍ଷେତ୍ରରେ ବନ୍ଧ୍ୟାତ୍ୱ ହେବାର ଦୁଇଟି ମୁଖ୍ୟ କାରଣ । ପିସିଓଏସ ମହିଳାମାନଙ୍କ ବନ୍ଧ୍ୟାତ୍ୱ ପାଇଁ ଏକ ପରୀକ୍ଷିତ କାରଣରୁ ଦେଖାଯାଇଛି ଯେତେବେଳେ ଯେଉଁ ମହିଳାମାନେ ଇନସୁଲିନ ପ୍ରତିରୋଧ ଶକ୍ତିରେ ଆକ୍ରାନ୍ତ ହୋଇଥାନ୍ତି ସେମାନଙ୍କଠାରେ ପିସିଓଏସ ମିଳିଥାଏ । ଏହା ବିଶେଷତଃ ପୃଥୁଳ ମହିଳାଙ୍କ କ୍ଷେତ୍ରରେ ଅଧିକ ଦେଖାଯାଇଥାଏ । ଉଭୟ ମୋଟାପଣ ଏବଂ ପିଲିସିସଷ୍ଟିକ୍ ଓଭାରିଆନ ସିଣ୍ଡ୍ରୋମ ମଧୁମେହର କାରଣ ହୋଇଥାଏ । ଆଉ ଏକ ବନ୍ଧ୍ୟାତ୍ୱ ପରିସ୍ଥିତି ଟାଇପ-୧ ମଧୁମେହ ସହିତ ଜଡ଼ିତ ହୋଇଥାଏ, ଯାହା ଦ୍ୱାରା ଆପଣଙ୍କର ପ୍ରାକୃତିକ ମେଟାବୋଲିଜିମ୍ କିମ୍ବା ଇନସୁଲିନ୍ କୋଷିକାଗୁଡ଼ିକ ଶରୀରରେ ନଷ୍ଟ ହୋଇଯାଏ । ଏପରି ଏକ ରୋଗୀ ଉଚ୍ଚ ଗ୍ଲୁକୋଜସ୍ତର ଦ୍ୱାରା ଆକ୍ରାନ୍ତ ହୋଇଥାଏ, ଯାହାକି ଗର୍ଭାଶୟରେ ପ୍ରତିରୋଧ ଭ୍ରୁଣ ଆଡ଼କୁ ଯାଇନଥାଏ । ଏହି ସ୍ଥିତିରେ ଗର୍ଭପାତ ହେବାର ସମ୍ଭାବନା ଅଧିକ ଥାଏ । ଫଳରେ ମହିଳାମାନେ ବାରମ୍ବାର ଗର୍ଭଧାରଣ କରିବାରେ ବିଫଳ ହୋଇଥାନ୍ତି ।

## ପ୍ରତିକାର

ସନ୍ତାନ ଜନ୍ମ କରିବା ପାଇଁ ଆପଣଙ୍କ ସ୍ୱାସ୍ଥ୍ୟଗତ ପରିସ୍ଥିତି ବୁଝିବା ଆବଶ୍ୟକ । ଉଭୟ ପୁରୁଷ ଏବଂ ମହିଳାଙ୍କ ଶରୀରରେ ଉଚ୍ଚ ଇନସୁଲିନ୍ ପ୍ରତିରୋଧକ ଶକ୍ତିର ବିପଦ ଜନିତ ସଚେତନ ସୃଷ୍ଟି କରିବା ଦ୍ୱାରା ବନ୍ଧ୍ୟାସୁଲିନ ପ୍ରତିରୋଧକ ଶକ୍ତିର ବିପଦ ଜନିତ ସଚେତନ ସୃଟ୍ଟିକରିବା ଦ୍ୱାରା ବନ୍ଧ୍ୟାତ୍ୱକୁ ଖୁବ୍ ଭଲ ରୂପେ ପରିଚାଳନା କରାଯାଇପାରେ । ଟାଇପ-୨ ମଧୁମେହକୁ ଗର୍ଭଧାରଣ ପାଇଁ ଆବଶ୍ୟକ ଅନୁକୂଳ ସ୍ତର ପର୍ଯ୍ୟନ୍ତ ଆଣିବା ନିମନ୍ତେ ଚେଷ୍ଟା କରିବା ଆପଶ୍ୟକ । ବିଶେଷଜ୍ଞମାନେ ପ୍ରମାଣିତ କରିଛନ୍ତି ଯେ ମୋଟାପଣରେ ଆକ୍ରାନ୍ତ ମହିଳା ପତଳା ମହିଳାଙ୍କ ତୁଳନାରେ ଗର୍ଭଧାରଣ କରିବା ଆଶଙ୍କା କମ ଥାଏ । ଟାଇପ ୨ମଧୁମେହ କେବଳ ନିୟନ୍ତ୍ରିତ କରାଯାଇପାରିବ । ଆପଣ ଓଜନକୁ ହ୍ରାସ କରାଇପାରିବେ, ନଚେତ୍ ଏହା ଆପଣଙ୍କ ଶରୀରରେ ଗ୍ଲୁକୋଜ ସ୍ତରକୁ ବୃଦ୍ଧି କରାଇବ । ଗର୍ଭଧାରଣ ପୂର୍ବରୁ ଏ ୧ସି ସ୍ତରକୁ ୬.୫ରୁ କମ କରିବା ଉତ୍ତମ ନିଷ୍ପତ୍ତି । ସେହିପରି ଗର୍ଭଧାରଣ ପାଇଁ ଯୋଜନା କରିବା ବେଳେ ପ୍ରତିଦିନ ଶର୍କରାକୁ ନିୟନ୍ତ୍ରଣ କରନ୍ତୁ, ଫଳରେ ଗର୍ଭରେ ଏକ ସୁସ୍ଥ ଶିଶୁକୁ ଧାରଣ କରିପାରିବେ । ମାଦକ ଦ୍ରବ୍ୟ ହ୍ରାସ ଏବଂ ଧୂମପାନରୁ ଦୂରେଇ ରହିବା ଦ୍ୱାରା ଇଲେକକ୍ଟାଇଲ ଡାସଫଙ୍କସନକୁ ହ୍ରାସ କରାଯାଇପାରିବ ।

## ପୁରୁଷଙ୍କ କ୍ଷେତ୍ରରେ ପନୁଂସକତା

ନ୍ୟୁରୋପାଥି କିମ୍ବା ସ୍ନାୟୁବିକୃତ ହେବା ଦ୍ୱାରା ପୁରୁଷମାନଙ୍କ କ୍ଷେତ୍ରରେ ନପୁଂସକତା ଦେଖାଯାଇଥାଏ । ଇରୋକ୍ଟାଇଲ ଡିସଫଙ୍କସନ, ଯାହାକି ପ୍ରତ୍ୟକ୍ଷ ଭାବରେ ମଧୁମେହ ଦ୍ୱାରା ସ୍ନାୟୁବିକୃତ ହେବାର କାରଣ ସାଜିଥାଏ ଏବଂ ପୁରୁଷଙ୍କ ନପୁଂସକତାର ପ୍ରମୁଖ କାରଣ ହୋଇଥାଏ । ମଧୁମେହ ରକ୍ତ ଚାପ ଏବଂ କୋଲେଷ୍ଟ୍ରାଲ ଏକତ୍ର ହୋଇ ପୁରୁଷମାନଙ୍କ ପାଇଁ ଗୁରୁତ୍ୱର ସମସ୍ୟା ସୃଷ୍ଟି କରିଥାଏ । ସ୍ନାୟୁବିକୃତ ସମସ୍ୟା ମଧ ଉତ୍ତେଜନା ସ୍ତରକୁ ପ୍ରଭାବିତ କରିପାରେ, ଫଳରେ ଲିଙ୍ଗର ସ୍ନାୟୁଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥାଏ । ଏହାଯୋଗୁ ସ୍ନାୟୁମାନେ ମୂତ୍ରାଶୟକୁ ନିୟନ୍ତ୍ରଣ କରିବାରେ ଅକ୍ଷମ ହୋଇଥାନ୍ତି ଏବଂ ଏହା କ୍ରମାନ୍ୱୟରେ ବୀର୍ଯ୍ୟସ୍ଖଳନ ବନ୍ଦ ହେବା ପରିବର୍ତ୍ତେ ଲିଙ୍ଗ ମାଧ୍ୟମରେ ପ୍ରବେଶ କରିବାକୁ ଥିବା ବୀର୍ଯ୍ୟ ମଧ୍ୟରେ ପ୍ରବେଶ କରିଥାଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କରୋନାର ଦ୍ୱିତୀୟ ଲହର...

ଏବେ ଭାରତରେ ପୁଣି ଥରେ କରୋନା କଡ଼ ଲେଉଟାଇ ତାହା ଦ୍ୱିତୀୟ ଦଫା ବିସ୍ତାର ଆରମ୍ଭ କରିଛି। ସ୍ମରଣଯୋଗ୍ୟ ଯେ, ଗତବର୍ଷ ଏଇ ସମୟରେ ଦେଶରେ କରୋନା ମହାମାରୀ ଆତଙ୍କ ଖେଳାଇଥିଲା ଓ ସାରା ଦେଶ ଲକଡାଉନ ଲାଗି ପ୍ରସ୍ତୁତ ହେଉଥିଲା। ଏବେ ମହାରାଷ୍ଟ୍ରରେ ସେଇ ସତର୍କ ଘଂଟି ବାଜି ସାରିଛି। ଗତ ପ୍ରାୟ ଏକ ମାସରୁ ଅଧିକ ସମୟ ଧରି ମୁମ୍ବାଇ, ବିଦର୍ଭ ଓ ନାଗପୁର ଆଦି କ୍ଷେତ୍ରରେ କରୋନା କୋକୁଆ ବୃଦ୍ଧି ପାଇବା ପରେ ଏବେ ନାଗପୁରରେ ବିଧିବଦ୍ଧ ଲକଡାଉନ ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରତିଦିନ ଦେଶରେ ଯେତିକି କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି ସେଥିରୁ ଅର୍ଦ୍ଧାଧିକ ହେଉଛନ୍ତି କେବଳ ମହାରାଷ୍ଟ୍ରରୁ। ଏହା ଯେତିକି ଉଦ୍‌ବେଗଜନକ ସେତିକି ଜଟିଳ। ପ୍ରଥମ ପର୍ଯ୍ୟାୟ କରୋନା ସଂକ୍ରମଣ କେବଳ ସେଇ ମହାରାଷ୍ଟ୍ର ହିଁ ସାରା ଦେଶ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏବେ କେବଳ ମହାରାଷ୍ଟ୍ର ନୁହେଁ, ପଂଜାବ, କେରଳ, ଛତିଶଗଡ଼, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଭଳି ରାଜ୍ୟ ମଧ୍ୟ ସେମାନଙ୍କ ପଛକୁ ରହିଛନ୍ତି। ସର୍ବତ୍ର ପଜିଟିଭ୍ ସଂଖ୍ୟା ବଢୁଛି। ଚିନ୍ତା କରିବା କଥା, କେରଳରେ ଯେତେବେଳେ ଜଣେ ମାତ୍ର କୋଭିଡ ପଜିଟିଭ ଚିହ୍ନଟ ହୋଇଥିଲା, କେହି ବିଶ୍ୱାସ କରୁନଥିଲେ ଯେ ଏ ସଂକ୍ରମଣ ସାରା ଦେଶକୁ ବ୍ୟାପିବ ଓ ଏ ପର୍ଯ୍ୟନ୍ତ ସୁଦ୍ଧା ଦେଢ଼ ଲକ୍ଷରୁ ଅଧିକ ଲୋକଙ୍କ ପ୍ରାଣନାଶର କାରଣ ପାଲଟିବ। କିନ୍ତୁ ତାହା ବାସ୍ତବତାରେ ପରିଣତ ହୋଇଛି। ଏହା କେବଳ ଭାରତ କଥା ନୁହେଁ, ସାରା ବିଶ୍ୱକୁ ଏହି ଦଶା ଭୋଗ କରିବାକୁ ପଡ଼ିଛି। ୨୦୨୦ ମସିହା ସାରା କରୋନାର ଏହି କରାଳ ରୂପକୁ ବିଶ୍ୱବାସୀ ଭୋଗିଲେ। ସେଥିରେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣନାଶ ଘଟିଲା। କୋଟି କୋଟି ଲୋକ ଆକ୍ରାନ୍ତ ହେଲେ। ହଜାର ହଜାର କୋଟି ଡଲାର ମୂଲ୍ୟର କ୍ଷୟକ୍ଷତି ଘଟିଲା। ସାରା ପୃଥିବୀ ପୂର୍ବରୁ କେବେ ଏପରି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇନଥିଲା। ସମସ୍ତେ ଆଶା କରୁଥିଲେ, ୨୦୨୦ ଅତିକ୍ରାନ୍ତ ହେବା ସହ କରୋନାର କଳା ଛାୟା ମାନବ ସମାଜ ଉପରୁ ହଟିଯାଇଛି। ଧୀରେ ଧୀରେ ପୁଣି ସଂସାର ସ୍ୱାଭାବିକତା ଆଡ଼କୁ ଫେରିପାରିବ। ବିପର୍ଯ୍ୟସ୍ତ ଜୀବନକୁ ସମସ୍ତେ ପୁଣି ଥରେ ସଜାଡ଼ି ପାରିବେ। କିନ୍ତୁ ସେତିକିବେଳେ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଆଦି ରାଷ୍ଟ୍ରରେ କରୋନା ଭୂତାଣୁର ନୂଆ ସ୍ୱରୂପ ଆତ୍ମପ୍ରକାଶ କଲା ଏବଂ ତାହା ପୂର୍ବାପେକ୍ଷା ଅଧିକ ଭୟଙ୍କର ଭାବେ। ସାରା ବିଶ୍ୱରେ ବୈଜ୍ଞାନିକମାନେ ଏ ପର୍ଯ୍ୟନ୍ତ ଅକ୍ଲାନ୍ତ ଶ୍ରମ ସ୍ୱୀକାର କରି ଯେଉଁ ପ୍ରତିଷେଧକ ଟିକାର ବିକାଶ ଘଟାଇଥିଲେ, କରୋନାର ନୂଆ ଷ୍ଟ୍ରେନ ତାର ବୋଲ ମାନିବାକୁ ନାରାଜ। ପୁଣି ସେ ଷ୍ଟ୍ରେନ ଗୋଟିଏ ନୁହେଁ, ନାନା ରୂପରେ ଓ ଭିନ୍ନ ଭିନ୍ନ ଭୟାବହତାର ସହ। ଉହାନ ନଗରୀର ପରୀକ୍ଷାଗାରରୁ ଜନ୍ମ ନେଇଥାଉ, ଅବା ପ୍ରାକୃତିକ ଭାବେ ସୃଷ୍ଟି ହୋଇଥାଉ, କରୋନା ଅଦ୍ୟାବଧି ମାନବ ସମାଜ ପାଇଁ ସବୁଠାରୁ ଅଧିକ ଘାତକ ସାଜିଛି। ତୃତୀୟ ବିଶ୍ୱଯୁଦ୍ଧ ଲାଗିଥିଲେ ହୁଏତ ସେତିକି ଲୋକଙ୍କ ମୃତ୍ୟୁ ଘଟିନଥାନ୍ତା। ସେ ଯାହାହେଉ, ଏଭଳି ବାସ୍ତବତା ସହ ଯୁଝୁଥିବା ବିଶ୍ୱବାସୀଙ୍କୁ ସେଇ ସତର୍କତାର ସହ ଜୀବନ ବଂଚିବାକୁ ପଡ଼ିବ, ଯାହା ସେମାନେ ୨୦୨୦ରେ ବଂଚିଥିଲେ। ସେଇ ସୀମିତ ପରିଧି ଭିତରେ ରହିବାକୁ ହେବ, ଯାହା ଏବେ ସେମାନଙ୍କ ଅଭ୍ୟାସରେ ପରିଣତ ହୋଇସାରିଛି। ବାସ୍ତବତାଟି ହେଲା, କରୋନା ଭୟ ଦୂର ହୋଇନାହିଁ। ଦୂର କେବେ ହେବ ସେକଥା କାହାକୁ ଜଣାନାହିଁ। ପ୍ରତିଷେଧକ ଟିକା ଗ୍ରହଣ ସତ୍ତ୍ୱେ, ଏହା କରୋନା ମୂଳୋତ୍ପାଟନର ପର୍ଯ୍ୟାପ୍ତ ସାଧନ ହୋଇନପାରେ। କରୋନା ବିରୋଧୀ ସଂଗ୍ରାମରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତ ପାଇଁ ବିଶ୍ୱରେ ଏକ ନୂଆ ପରିଚୟ ସୃଷ୍ଟି ହୋଇଛି। କିନ୍ତୁ ସେ ପରିଚୟ ସେତିକିବେଳେ ଆମକୁ ଗୌରବର ଅଧିକାରୀ କରାଇବ, ଯେତେବେଳେ ଆମେ କରୋନାକୁ ସଂପୂର୍ଣ୍ଣ ରୂପେ ସମାଜରୁ ହଟାଇବାକୁ ସକ୍ଷମ ହେବା। ସେପର୍ଯ୍ୟନ୍ତ ଆମକୁ ସତର୍କତାର ସହ ଓ କଟକଣା ମଧ୍ୟରେ ଜୀବନ ବଂଚିବାକୁ ହେବ। ଏହାର ଅନ୍ୟ କୌଣସି ବିକଳ୍ପ ପନ୍ଥା ନାହିଁ।

## ଓଡ଼ିଆ ଜାତିର ସାର୍ଥକ ସେନାପତି : ବ୍ୟାସକବି ଫକୀର ମୋହନ


ଅଂଶୁମାନ ମହାରଣା

ମୋ: ୮୦୯୩୨୯୮୨୨୪




କେବଳ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୁହେଁ, ଓଡ଼ିଶାର ସାମାଜିକ ଇତିହାସରେ ମଧ ଫକୀର ମୋହନ ଜଣେ ବଳିଷ୍ଠ ଓ ଐତିହାସିକ ଚରିତ୍ର ହୋଇ ରହିଯାଇଛନ୍ତି। ଜଣେ ସୁଦକ୍ଷ ସେନାପତି ଯେପରି ନିଜର ଉପସ୍ଥିତ ବୁଦ୍ଧି, ସାହସ, ଶକ୍ତି ଦ୍ୱାରା ଯୁଦ୍ଧକ୍ଷେତ୍ରରେ ବିଜୟ କେତନ ଉଡ଼ାଇଥାଏ ଠିକ ସେହିପରି ବ୍ୟାସକବି ଫକୀର ମୋହନ ସେନାପତି କଠିନ ସଂଗ୍ରାମ କରି ଆମ ମାତୃଭାଷାକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ପ୍ରଖ୍ୟାତ ଔପନ୍ୟାସିକ, ଓଡ଼ିଆ କଥା ସାହିତ୍ୟର ଜନକ ତଥା ଭାଷା ଆନ୍ଦୋଳନର ଜାଗ୍ରତ ପ୍ରହରୀ ଫକୀର ମୋହନଙ୍କ ଆବିର୍ଭାବ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଉତ୍କଳ ଗୌରବ ମଧୁସୂଦନଙ୍କ ଭଳି ଫକୀର ମୋହନ ମଧ ଚାହିଁଥିଲେ ଓଡ଼ିଶାକୁ ଏକତ୍ର କରିବାକୁ। ଓଡ଼ିଆ ଭାଷାକୁ ପ୍ରଥମ କରି ବ୍ୟାପକ ସାହିତ୍ୟିକ ସ୍ୱରୂପ ପ୍ରଦାନ କରିବାରେ ଫକୀର ମୋହନଙ୍କ କୃତିତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ସେ ଏକାଧାରରେ ଜଣେ ଔପନ୍ୟାସିକ, କବି, ଗାଳ୍ପିକ, ପ୍ରାବନ୍ଧିକ, ଅନୁବାଦକ, ଆତ୍ମଜୀବନୀକାର, ଶିଶୁ ସାହିତ୍ୟିକ ଏବଂ ପରିଶେଷରେ ସେ ଜଣେ ଦୂରଦ୍ରଷ୍ଟା ସମ୍ପନ୍ନ ସମାଜ ସଚେତକ। ଜାତିପ୍ରାଣ ଯୋଗଜନ୍ମା ଫକୀର ମୋହନ ଓଡ଼ିଆ ଜାତିର ଦୁର୍ଦ୍ଦିନରେ ମାର୍ଗଦର୍ଶନ ଦେଇ ପାରିଥିଲେ।

ବ୍ୟାସକବି ଫକୀର ମୋହନଙ୍କ ଆବିର୍ଭାବ ସେହି ସମୟରେ ହୋଇଥିଲା, ଯେବେ ଅତୀତରେ ଉତ୍କଳ ଜନନୀ ନିଜର ଅସ୍ତିତ୍ୱ ହରାଇ ବିଦେଶୀ ଇଂରେଜ ଶାସକ ମାନଙ୍କ ଦ୍ୱାରା ହୋଇଥିଲେ ଖଣ୍ଡବିଖଣ୍ଡିତ। ସମଗ୍ର ଉତ୍କଳର ଚରମ ଦୁର୍ଦ୍ଦିନ ସମୟରେ ୧୮୪୩ ମସିହା ଜାନୁଆରୀ ମାସ ୧୩ ତାରିଖ ପବିତ୍ର ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ସ୍ଥିତ ମଲ୍ଲିକାଶପୁର ଠାରେ ଜନ୍ମଗ୍ରହଣ କରି କେବଳ ବାଲେଶ୍ୱର ମାଟିକୁ ନୁହଁ ବରଂ ସମଗ୍ର ଉତ୍କଳ ଜନନୀକୁ ଧନ୍ୟ କରିଥିଲେ। ସମଗ୍ର ଓଡ଼ିଶା ଫକୀର ମୋହନଙ୍କ ଜନ୍ମଜୟନ୍ତୀକୁ ୧୪ ଜାନୁଆରୀରେ ପାଳନ କରି ଆସୁଥିଲେ ମଧ ସଂକ୍ରାନ୍ତି ପୁରୁଷଙ୍କ ଜନ୍ମ ବର୍ଷ ମକର ସଂକ୍ରାନ୍ତି ୧୩ ତାରିଖରେ ପଡ଼ିଥିବାରୁ ତାଙ୍କର ପ୍ରକୃତ ଜନ୍ମ ତାରିଖ ୧୩ ଜାନୁଆରୀ ୧୮୪୩। ବାଲ୍ୟ ବ୍ରଜମୋହନରୁ ଓଡ଼ିଆଙ୍କ ସୁଦକ୍ଷ ସେନାପତି ଫକୀର ମୋହନ ହେବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଥିଲା ବେଶ ସଂଘର୍ଷମୟ। ଶୈଶବରୁ ପିତାମାତାଙ୍କୁ ହରାଇଥିବା ବ୍ରଜମୋହନ ରୋଗ ଓ ଦାରିଦ୍ର୍ୟ ସହ ଲଢ଼ି ଲଢ଼ି ବିଶେଷ ଶିକ୍ଷାଲାଭ କରିପାରି ନଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ବାରବାଟୀ ସ୍କୁଲରେ ଶିକ୍ଷକତା କରିବା ସହ ବାଲେଶ୍ୱର ମିଶନ ସ୍କୁଲର ପ୍ରଧାନ ଶିକ୍ଷକ ପଦବୀ ଅଳଙ୍କୃତ କରିଥିଲେ। ୧୮୬୮ ମସିହାରେ ଫକୀର ମୋହନ ବାଲେଶ୍ୱରରେ ଏକ ପ୍ରେସ ପ୍ରତିଷ୍ଠା କରିବା ସହ କରିଥିଲେ ଓଡ଼ିଆ ଭାଷା ଆନ୍ଦୋଳନ ରୂପୀ ଯୁଦ୍ଧର ଅୟମାରମ୍ଭ। ଏହି ପ୍ରେସର ପ୍ରତିଷ୍ଠା ହେବା ପରେ ବହୁ ପାଠ୍ୟପୁସ୍ତକ ପ୍ରକାଶ କରିବା ସହ ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିଲେ। ଗୌରୀଶଙ୍କର ରାୟଙ୍କ ଉତ୍କଳ ଦୀପିକା। ସମ୍ବାଦପତ୍ର ଭଳି ତାଙ୍କରି ସମ୍ପାଦନାରେ ବାଲେଶ୍ୱରରୁ ପ୍ରକାଶିତ ହେଉଥିଲା। ଦୈନିକ ଓଡ଼ିଆ ସମ୍ବାଦପତ୍ର ସମ୍ବାଦ ବାହିକା। ଊନବିଂଶ ଶତାବ୍ଦୀର ମଧ ଭାଗରେ ସେତେବେଳେ ଓଡ଼ିଆ ଭାଷା ପ୍ରତି ବିଶାଳ ସଂକଟ ସୃଷ୍ଟି ହେଲା, ଯେଉଁ ସମୟରେ ମୁଷ୍ଟିମେୟ ବଙ୍ଗୀୟ ରାଜକର୍ମଚାରୀ ଓଡ଼ିଶାରୁ ଓଡ଼ିଆ ଭାଷା ବିଲୋପ ଘଟାଇ ବଙ୍ଗଳା ଭାଷାର ପ୍ରଚଳନ ପାଇଁ ଅପଚେଷ୍ଟା କରିଥିଲେ। ୧୮୬୬ ନଅଙ୍କ ଦୁର୍ଭିକ୍ଷର ସୁଯୋଗରେ ବଙ୍ଗୀୟ ମାନେ ଇଂରେଜଙ୍କ କଚିରି ଦଖଲ କରି ତୁରନ୍ତ ବଙ୍ଗଳା ଭାଷା ପ୍ରଚଳନ କରିବା ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଜାରି କରିଦେଲେ। ବଙ୍ଗାଳୀ ମାନେ ଓଡ଼ିଆ ଏବଂ ଓଡ଼ିଆ ଭାଷାଭାଷୀଙ୍କ ପ୍ରତି ଯେଉଁଭଳି ତୁଚ୍ଛ ତାଚ୍ଛଲ୍ୟ କଲେ ତାହା ଫକୀର ମୋହନଙ୍କୁ ଖୁବ ଆଘାତ ଦେଲା। ସେ ସବୁବେଳେ ଚିନ୍ତା କଲେ, କିପରି ଓଡ଼ିଆ ଭାଷାର ଅସ୍ତିତ୍ୱ ଓ ଗୁରୁତ୍ୱ ରକ୍ଷା କରିବାକୁ ହେବ। ଓଡ଼ିଆ ଏବଂ ଓଡ଼ିଆ ଭାଷା ସପକ୍ଷରେ ଲଢ଼ିବା ନିମନ୍ତେ ବଦ୍ଧ ପରିକର ହୋଇ ଉଠିଥିବା ଫକୀର ମୋହନ ବାଲେଶ୍ୱର ସହରର ଗଳିକନ୍ଦି ଠାରୁ ଆରମ୍ଭ କରି ଜନ ସମର୍ଥନ ନିମନ୍ତେ ଘରକୁ ଘର ବୁଲି ଦସ୍ତଖତ ସଂଗ୍ରହ କଲେ। ଦୃଢ଼ମନା ଫକୀରମୋହନ ଆଦୌ ବିବ୍ରତ ନ ହୋଇ ବଙ୍ଗୀୟ ମାନଙ୍କୁ ମନେ ପକେଇ ଦେବାକୁ ଚାହିଁଲେ ଯେ ବଙ୍ଗଭାଷା ପାଇଁ ବ୍ୟାକରଣ ପୁସ୍ତକ ପ୍ରବୋଧ ଚନ୍ଦ୍ରିକା ଓ ବଙ୍ଗଭାଷା ଇତିହାସ ପୁସ୍ତକ ରାଜାବଳୀ ଲେଖିଥିବା ବଙ୍ଗଳା ଭାଷାର ଜନକ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର ଏବଂ ବିଶିଷ୍ଟ ବୈଷ୍ଣବ ସନ୍ଥ ଶ୍ରୀଚୈତନ୍ୟ ମୂଳତଃ ଜଣେ ଓଡ଼ିଆ । ଉମାଚରଣ ହାଲଦାର, ରାଜେନ୍ଦ୍ରଲାଲ ମିତ୍ର, କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପରି ବଙ୍ଗୀୟ କ୍ଷମତାଶାଳୀ ଯେବେ ଓଡ଼ିଆ ଭାଷାର ବିଲୋପ ପାଇଁ ଯୋରଦାର ପ୍ରୟାସ ଆରମ୍ଭ କଲେ ସେହି ସମୟରେ ସୌଭାଗ୍ୟକୁ ଫକୀରମୋହନଙ୍କ ସାଥି ଭାବରେ ବାଲେଶ୍ୱରକୁ ବଦଳି ହୋଇ ଆସିଲେ କଲେକ୍ଟର ଜନ ବୀମସ। ବହୁଭାଷାବିଦ ଜନ ବୀମସ ନିଜ ଲିଖିତ ପୁସ୍ତକରେ ରାଜେନ୍ଦ୍ର ଲାଲ ମିତ୍ର ଓ କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ମତକୁ ଖଣ୍ଡନ କଲେ। କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଲିଖିତ ଉଡ଼ିଆ ସ୍ୱତନ୍ତ୍ର ଭାଷା ନୟ ପୁସ୍ତକକୁ ମଧ କଠୋର ସମାଲୋଚନା କରିଥିଲେ। ସରକାରୀ ନିର୍ଦ୍ଦେଶନାମା ପ୍ରତ୍ୟାହାର ତଥା ଓଡ଼ିଆ ଭାଷାର ପୁନର୍ପ୍ରଚଳନ ପାଇଁ ପ୍ରତିକାର ନିମନ୍ତେ ଜନ ବୀମସଙ୍କୁ ଫକୀର ମୋହନ ପ୍ରେରଣ କରିଥିବା ସଂଗୃହୀତ ଦସ୍ତଖତ ଦରଖାସ୍ତ ହିଁ ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ବେଶ ଗୁରୁତ୍ୱ ବହନ କଲା। ଜନ ବୀମସ ନିଜ ମତାମତରେ ଲେଖିଲେ ତାଙ୍କ ଗବେଷଣାରୁ ସେ ଜାଣିଛନ୍ତି ଓଡ଼ିଆ ଏକ ଶ୍ରେଷ୍ଠ ଆର୍ଯ୍ୟଭାଷା। ଏ ଭାଷାକୁ ଉପେକ୍ଷା କରାଯାଇ ପାରିବ ନାହିଁ। ଜନ ବୀମସଙ୍କ ପତ୍ର ପାଇ ତତକାଳୀନ ଓଡ଼ିଶାର କମିଶନରଟି ରେଭେନ୍ସା ନିଜେ ଦୃଢ଼ ସମର୍ଥନ ଜଣାଇ ଇଂରେଜ ସରକାରଙ୍କ ପୂର୍ବ ନିର୍ଦ୍ଦେଶନାମାକୁ ଖାରଜ କରାଇଦେଲେ। ବଙ୍ଗୀୟ ଅଧିକାରୀ ମାନଙ୍କ ସମସ୍ତ ଚକ୍ରାନ୍ତକୁ ପଣ୍ଡ କରିଦେଲେ ଏକାକୀ ସେନାପତି ଫକୀର ମୋହନ। ଅବଶ୍ୟ ଏଥିପାଇଁ ବଙ୍ଗୀୟ ବୁଦ୍ଧିଜୀବୀଗଣ ଫକୀର ମୋହନଙ୍କୁ ରିଙ୍ଗଲିଡ଼ର ଭାବରେ ସମ୍ବୋଧନ କଲେ। ଏଥିପ୍ରତି କର୍ଣ୍ଣପାତ ନକରି ନିରବ ନରହି ସେ ଓଡ଼ିଆ ବ୍ୟାକରଣ, ପାଠ୍ୟପୁସ୍ତକ, ଗଳ୍ପ, ମହାପୁରୁଷଙ୍କ ଜୀବନୀ ରଚନା କରି ସବୁ ସ୍ତରର ଅଭାବ ପୂରଣ କଲେ। ଏପରିକି ବାଲେଶ୍ୱରରେ ନିଜ ପ୍ରଚେଷ୍ଟାରେ ଫକୀର ମୋହନ ଏକ ଛାପାଖାନା ବସାଇ ପୁସ୍ତକ ଛାପି ଓଡ଼ିଆ ବିଦ୍ୟାର୍ଥୀ ଓ ଶିକ୍ଷକ ମାନଙ୍କର ଭରସାର କେନ୍ଦ୍ରବିନ୍ଦୁ ହୋଇଗଲେ। କୌଣସି ପ୍ରକାର ପ୍ରତିବନ୍ଧକ ତାଙ୍କୁ କର୍ତବ୍ୟ ପଥରୁ ହଟାଇ ପାରି ନଥିଲା। ଓଡ଼ିଆ ଭାଷାର ଜନସାଧାରଣରେ ପ୍ରସାର ଘଟିଲେ କେବଳ ବିଦ୍ୟାଳୟ ମାଧ୍ୟମରେ ବିଶେଷ ଉପକାର ମିଳିବ ନାହିଁ ବୋଲି ଫକୀର ମୋହନଙ୍କ ଧାରଣା ହେଲା। ତାଙ୍କରି ଉଦ୍ୟମରେ କେତେକ ଉତ୍ସାହୀ ବ୍ୟକ୍ତିଙ୍କ ସହଯୋଗ ମିଳିବାରୁ ଉତ୍କଳ ଭାଷା ବିଧୟିନୀ ସମାଜ ପ୍ରତିଷ୍ଠା କରିଥିଲେ। ୧୮୬୮ ମସିହାରେ ବହୁ ଶ୍ରମ ଓ ଅର୍ଥ ବ୍ୟୟ କରି ଉତ୍କଳ ପ୍ରିନଟିଂ କମ୍ପାନୀ ଓ ପି.ଏମ୍. ସେନାପତି ଏଣ୍ଡ୍ କମ୍ପାନୀ ପ୍ରତିଷ୍ଠା କରିଥିଲେ। ସମ୍ବାଦ ବାହିକା ଭଳି ବୋଧ ଦାୟିନୀ ପତ୍ରିକା ମଧ ତାଙ୍କରି ସମ୍ପାଦନାରେ ପ୍ରକାଶିତ ହେଉଥିଲା। ନିଜ ଜୀବନର ଶେଷ ୨୧ ବର୍ଷ ମଧରେ ୪ ଖଣ୍ଡ ଉପନ୍ୟାସ ଓ ୨୦ଟି ଗଳ୍ପ ରଚନା କରିଥିବା ଫକୀର ମୋହନଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନା କଲା ବେଳେ ଆମ ସମ୍ମୁଖରେ ତାଙ୍କ ସାହିତ୍ୟରେ ଅନ୍ତର୍ନିହିତ ସମାଜ ସଂସ୍କାର ଚିତ୍ରଟି ବିଶେଷ ଭାବରେ ଉଦଭାସିତ ହୁଏ। ରାଜା ରାମମୋହନ ରାୟଙ୍କ ଭଳି ପ୍ରତ୍ୟକ୍ଷ ସଂସ୍କାର କ୍ଷେତ୍ରକୁ ଓହ୍ଲାଇ ନଥିଲେ ସତ କିନ୍ତୁ ସାରସ୍ୱାତ ବାଣୀ ମାଧ୍ୟମରେ ସେ ନିଜର ସଂସ୍କାରବାଦୀ ଦୃଷ୍ଟିକୋଣକୁ ଜନସମାଜ ସମ୍ମୁଖରେ ଉପସ୍ଥାପନ କରିଥଲେ କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ। ଏକ ପରୋକ୍ଷ ସଂଗ୍ରାମୀର ଭୂମିକା ନେଇ ଲେଖନୀ ଚାଳନା କରିଥଲେ ଫକୀର ମୋହନ, ତାଙ୍କର ଦୃଷ୍ଟିକୋଣ ଥିଲା ଉଦାର ଓ ସଂସ୍କାରମୁଖୀ। ଓଡ଼ିଶାର ସାମାଜିକ ରାଜନୈତିକ ସାଂସ୍କୃତିକ ଓ ସର୍ବୋପରି ସମସାମୟିକ ସମାଜ ଜୀବନର ବହୁ ବାସ୍ତବ ଚିତ୍ର ସହିତ ସମାଜ ସଂସ୍କାର, ନାରୀ ଶିକ୍ଷା ଓ ନାରୀ ସ୍ୱାଧୀନତା ପାଇଁ ଆହ୍ୱାନ, ନିଶା ବିରୋଧରେ ଆନ୍ଦୋଳନ, ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ସମ୍ପର୍କରେ ଦୀର୍ଘ ଦୁଇଶତ ବର୍ଷର ଓଡ଼ିଶାର ସାମାଜିକ ଜୀବନର ଚଳନ୍ତ ଇତିହାସ ହିଁ ଫକୀର ମୋହନଙ୍କର କଥା ସାହିତ୍ୟ। ଦୀର୍ଘ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଦଶକ ଠାରୁ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ପର୍ଯ୍ୟନ୍ତ ଓଡ଼ିଶାର ଜନଜୀବନର ବହୁଳ ଇତିହାସ ହିଁ ତାଙ୍କ ସାହିତ୍ୟ। ଶିକ୍ଷକତାରୁ ପ୍ରଶାସକ, ପ୍ରଶାସକ ଜୀବନର ବହୁ ଘଟଣା ଅଭିଜ୍ଞତା ବିଜଡ଼ିତ ଇତିହାସ ଓ ସମାଜ ଜୀବନର ଅନୁଭୂତିରୁ ହିଁ ସୃଷ୍ଟି ତାଙ୍କର ଆତ୍ମଜୀବନୀ ଇତିହାସ।

ଉତ୍କଳ ସରସ୍ୱତୀଙ୍କ ଏହି ବରପୁତ୍ର ମକର ସଂକ୍ରାନ୍ତି ଦିନ ଧରାବତରଣ କରିଥିଲେ ଏବଂ ଏ ଦୁନିଆରୁ ବିଦାୟ ନେଇଥିଲେ ପବିତ୍ର ରଜ ସଂକ୍ରାନ୍ତି ଦିନ, ତେଣୁ ସେ ପରିଚିତ ସଂକ୍ରାନ୍ତି ପୁରୁଷ ନାମରେ। ସେନାପତି ଫକୀର ମୋହନ ଥିଲେ ଦରପାଠୁଆ, ତାଙ୍କ ପଛରେ ଲାଗି ନଥିଲା କୌଣସି ବିଶ୍ୱବିଦ୍ୟାଳୟର ପ୍ରଦତ ଉପାଧି। କିନ୍ତୁ ଫକୀର ମୋହନଙ୍କ ନାମରେ ନାମିତ ହୋଇଛି ତାଙ୍କରି ଜନ୍ମଭୂମିରେ ଥିବା ଏକମାତ୍ର ବିଶ୍ୱବିଦ୍ୟାଳୟ। ତାଙ୍କରି ସାହିତ୍ୟ ଉପରେ ଗବେଷଣା କରି ଛାତ୍ରମାନେ ପି.ଏଚ.ଡ଼ି ଡ଼ିଗ୍ରୀ ହାସଲ କରୁଛନ୍ତି। ସେ ବିଶ୍ୱକବି ନୁହନ୍ତି ସତ, କିନ୍ତୁ ସତ୍ୟର କବି ବ୍ୟାସକବି। ଓଡ଼ିଆ ଲୋକେ ନିଜସ୍ୱ ସଂସ୍କୃତି, ପରମ୍ପରା ସଭ୍ୟତାକୁ ଜାଣନ୍ତୁ ସେଥିପାଇଁ ଫକୀର ମୋହନ ରାମାୟଣ, ମହାଭାରତ, ଭଗବଦ ଗୀତା, ହରିବଂଶ ଉପନିଷଦ, ମେଘଦୂତ ଇତ୍ୟାଦିକୁ ଓଡ଼ିଆରେ ଅନୁବାଦ କରିବା ସହ ଜଣେ ସଫଳ ଅନୁବାଦକର ସ୍ଥାନ ନେଇ ପାରିଛନ୍ତି। ଏଥି ସହ ନିଜ ରଚନା ମାଧ୍ୟମରେ ସମାଜରେ ସଂସ୍କାର ଆଣିବା ନିମନ୍ତେ ପ୍ରୟାସ କରିଛନ୍ତି। ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଯଦି ଫକୀର ମୋହନଙ୍କ ରଚନା ଗୁଡ଼ିକ ଇଂରାଜୀ କିମ୍ବା ହିନ୍ଦୀ ଭାଷାରେ ହୋଇଥାନ୍ତା ତେବେ ସେ ମୈଥିଳୀ ଶରଣ ଗୁପ୍ତଙ୍କ ଠାରୁ ଅଧିକ ଉଚ୍ଚକୋଟିର କବି ଭାବରେ ମାନ୍ୟତା ପାଇଥାନ୍ତେ। କଲମ ଚାଳନା କରୁଥିବା ବ୍ୟକ୍ତିତ୍ୱ ହିଁ ସବୁଠାରୁ ଶ୍ରେଷ୍ଠ ନେତୃତ୍ୱ ନେଇ ପାରନ୍ତି ଏକଥା ଫକୀର ମୋହନ ଓଡ଼ିଆ ଜାତିର ନେତୃତ୍ୱ ନେଇ ପ୍ରମାଣ କରିଯାଇଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟକୁ ନବଜନ୍ମ ଦେଇଥିବା ଅମର ବିନ୍ଧାଣୀ ଫକୀର ମୋହନ ହେଉଛନ୍ତି ବାସ୍ତବରେ ଯଥାର୍ଥରେ ଓଡ଼ିଆ ଜାତିର ସାର୍ଥକ ସେନାପତି।

## ବିଜ୍ଞାନ ଆମକୁ ଧ୍ୱଂସ ଆଡକୁ ଟାଣି ନେଉ ନାହିଁକି?




ପ୍ରଦୀପ୍ତ ଆଚାର୍ଯ୍ୟ

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଇଶାଣୀ ବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦


ଆଜି ବିଜ୍ଞାନ ମନୁଷ୍ୟ ଜୀବନକୁ ସଂପୂର୍ଣ୍ଣ କବଳିତ କରିଦେଇଛି। ବିଜ୍ଞାନ ବ୍ୟତିରେକେ ଆମର ସତା ଅକଳ୍ପନୀୟ। ପୃଥିବୀର ଆଦି ମାନବ ଦିନେ ଗଛଡାଳ, ପାହାଡ ଗୁମ୍ଫାରେ ରହୁଥିଲା, ଉଲଗ୍ନ ରହୁଥିଲା ଏବଂ ବଣର ଫଳମୂଳ ତଥା କଂଚା ପଶୁମାଂସ ଭକ୍ଷଣ କରୁଥିଲା, ଯାହାକି ଆଧୁନିକ ମାନବ ସମାଜ ପକ୍ଷରେ ଅଚିନ୍ତନୀୟ। ଯଦି ଆମ ସଭ୍ୟତା ବର୍ତ୍ତମାନ ଦୁଇଶହ ବର୍ଷ ପଛକୁ ଫେରିଯାଏ, ତେବେ ହୁଏତ ଆମ ଭିତରୁ ଅଧିକାଂଶ ବ୍ୟକ୍ତି ସ୍ୱତଃ ମୃତ୍ୟୁ ମୁଖରେ ପତିତ ହେବେ। କାରଣ ବିଜ୍ଞାନ ଆମକୁ ଏତେ ଉପରକୁ ନେଇଯାଇଛି, ଆମେ ଆଉ ପଛକୁ ଫେରି ଚାହିଁବା ମଧ୍ୟ ଅସମ୍ଭବ। ପୁରାତନ ପ୍ରସ୍ତର ଯୁଗରୁ ଆରମ୍ଭ କରି କମ୍ପ୍ୟୁଟର ଯୁଗ ପର୍ଯ୍ୟନ୍ତ ପ୍ରଗତିର ତାଲିକା ବହୁତ ଲମ୍ବା, ଯାହାକି ଅବର୍ଣ୍ଣନୀୟ। କିନ୍ତୁ ବିଜ୍ଞାନର ପ୍ରତ୍ୟେକ କ୍ଷେତ୍ରର ପ୍ରଗତି ସହିତ, ଧ୍ୱଂସ ଅଙ୍ଗାଙ୍ଗୀ ଭାବରେ ଜଡିତ। ସର୍ବ ପ୍ରଥମେ ଆମେ ଚିକିତ୍ସା ବିଜ୍ଞାନ କଥା ଆଲୋଚନାକୁ ନେବା। ଭେଷଜ ଚିକିତ୍ସା, ଶଲ୍ୟଚିକିତ୍ସାର ବୈଜ୍ଞାନିକ ଉନ୍ନତି ଏବଂ ଭୟଙ୍କର ମହାମାରୀର ପ୍ରତିଷେଧକ ଆବିଷ୍କୃତ ହେବା ଦ୍ୱାରା, ପୃଥିବୀରୁ ମୃତ୍ୟୁହାର ଅନେକାଂଶରେ କମି ଯାଇଛି ସତ କିନ୍ତୁ ଏହାହିଁ ପୃଥିବୀକୁ ଧ୍ୱଂସ ମୁଖକୁ ଟାଣି ନେବାର ପ୍ରଥମ ଓ ପ୍ରଧାନ କାରଣ। ଚିକିତ୍ସା ବିଜ୍ଞାନର ଉନ୍ନତି ହେବା ପୂର୍ବରୁ, ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ସମତା ଥିଲା। ଚିକିତ୍ସାବିଜ୍ଞାନର ଉନ୍ନତି ପରେ, ମୃତ୍ୟୁହାର ତୁଳନାରେ ଜନ୍ମହାରକୁ ନିୟନ୍ତ୍ରଣ କରାଯାଇ ପାରିଲା ନାହିଁ, ଯାହାଫଳରେ ପୃଥିବୀରେ ଜନସଂଖ୍ୟା ବିସ୍ଫୋରଣ ହେଲା। ପୃଥିବୀରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ହିଁ ବେକାରୀ, ନୈତିକ ଅଧୋପତନ, ପରିବେଶ ପ୍ରଦୂଷଣ ଇତ୍ୟାଦି ସମସ୍ତ ସମସ୍ୟାର ମୂଳ ବା ଆଶୁ କାରଣ। ତାପରେ ଦେଖିବା ପରିବହନ ଯୋଗାଯୋଗ ବ୍ୟବସ୍ଥା। ବିଜ୍ଞାନ ଆମକୁ, ପରିବହନ କ୍ଷେତ୍ରରେ ସାଇକେଲ ଯାନ ଠାରୁ ଆରମ୍ଭ କରି ଉଡାଜାହାଜ, ରକେଟ ପର୍ଯ୍ୟନ୍ତ ଏବଂ ଯୋଗାଯୋଗ କ୍ଷେତ୍ରରେ, ପାରା, ଘୋଡା ସବାରରେ ଡାକ ପ୍ରେରଣଠାରୁ ଆରମ୍ଭ କରି ମୋବାଇଲ ପାଖରେ ନେଇ ଛାଡି ଦେଇଛି। ସମଗ୍ର ପୃଥିବୀଟି ଗୋଟିଏ ଛୋଟ ଗାଁରେ ପରିଣତ ହୋଇଯାଇଛି। କିନ୍ତୁ ଅପରପକ୍ଷରେ, ଏହି ଯାନବାହାନ ନିର୍ମାଣ କରିବା ପାଇଁ , ଯେଉଁ ଶିଳ୍ପ ପ୍ରତିଷ୍ଠା ହେଉଛି, ତାହାହିଁ ପରିବେଶ ଧ୍ୱଂସ ଏବଂ ପରୋକ୍ଷ ଭାବରେ ମାନବ ସମାଜର ପ୍ରଭୁତ କ୍ଷତି ସାଧନ ନିମନ୍ତେ ଉଦ୍ଦିଷ୍ଟ। କଳ କାରଖାନାରୁ ନିର୍ଗତ ଧୂମ ତଥା ବିଷାକ୍ତ ଜଳ , ବାୟୁ ଏବଂ ନଦୀଜଳକୁ ପ୍ରଦୂଷିତ କରିବାର ମୁଖ୍ୟ ମାଧ୍ୟମ। ଏହି ବିଷାକ୍ତ ଜଳ ବାୟୁ ବ୍ୟବହାର ଦ୍ୱାରା ମନୁଷ୍ୟ ବିଭିନ୍ନ ରୋଗାକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ରାସ୍ତାଘାଟ ଏବଂ କଳ କାରଖାନା ନିର୍ମାଣ ନିମନ୍ତେ ଅନେକ ବୃକ୍ଷ ଛେଦନ କରିବାକୁ ପଡୁଛି, ଯାହା ଫଳରେ ପରିବେଶର ସନ୍ତୁଳନତା ରକ୍ଷା କରାଯାଇ ପାରୁନାହିଁ। ମନୋରଞ୍ଜନ ନିମନ୍ତେ, ବିଜ୍ଞାନ ଆମକୁ ରେଡିଓ ଠାରୁ ଟିଭି, ସିନେମା ଓ ମୋବାଇଲ ପାଖରେ ପହଂଚାଇ ପାରିଛି। ମନୋରଞ୍ଜନ ବ୍ୟତୀତ ଏହା ଜ୍ଞାନ ଆହରଣର ମଧ୍ୟ ଏକ ଉତ୍କୃଷ୍ଟ ମାଧ୍ୟମ ରୁପେ ବ୍ୟବହୃତ ହେଉଛି। କିନ୍ତୁ ଏଥିରେ ପ୍ରଦର୍ଶିତ ନକରାତ୍ମକ ଦିଗ ପ୍ରତି ଯୁବ ସମାଜ ଆକର୍ଷିତ ହେବା ଦ୍ୱାରା ସମାଜରେ ହିଂସା, କ୍ରୁରତା ଏବଂ ଅଶ୍ଳୀଳତା ବହୁ ମାତ୍ରାରେ ବୃଦ୍ଧି ପାଇ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ମୋବାଇଲର ଉଦ୍ଭାବନ, ଟେଲିଫୋନ ସାଙ୍ଗକୁ ଟର୍ଚ୍ଚ, ରେଡିଓ, ଟିଭି, କ୍ୟାମେରା ପ୍ରଭୃତି ଶିଳ୍ପକୁ ପଛରେ ପକାଇ, ସମସ୍ତ ସୁବିଧା ଗୋଟିଏ ଯନ୍ତ୍ରରେ ଉପଲବ୍ଧ କରାଇ ସ୍ୱାଚ୍ଛନ୍ଦତା ଆଣି ଦେଇଛି ସତ୍ୟ, କିନ୍ତୁ ପିଲାଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ କର୍ମ ବିମୁଖ କରାଇ ଦେଇଛି। ବର୍ତ୍ତମାନ ଏହାର ବ୍ୟବହାର , ସମାଜରେ ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କୁ, କୌଣସି ମାଦକ ଦ୍ରବ୍ୟ ଠାରୁ କମ ନିଶାସକ୍ତ କରି ରଖିନାହିଁ। କର୍ମ ଓ କର୍ତ୍ତବ୍ୟକୁ ଜଳାଞ୍ଜଳୀ ଦେଇ , ଲୋକମାନେ ନିଜର ଅଧିକାଂଶ ମୂଲ୍ୟବାନ ସମୟ, ମୋବାଇଲ ସେବାରେ ଅପଚୟ କରୁଛନ୍ତି। ଆଉ ତାଛଡା ମୋବାଇଲ ମାଧ୍ୟମରେ , ବିଭିନ୍ନ ପ୍ରକାର କ୍ରାଇମ ଓ ସାଇବର ଠକେଇ ବହୁ ମାତ୍ରାରେ ବୃଦ୍ଧିପାଇଛି। ସବୁଠାରୁ ଭୟଙ୍କର ବିପଦ ସୃଷ୍ଟି ହୋଇଛି, ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ବୈଜ୍ଞାନିକ ଆବିଷ୍କାର। ଆଦି ମାନବ ପଶୁ ଶିକାର ନିମନ୍ତେ ପଥର ଖଣ୍ଡକୁ ଅସ୍ତ୍ର ରୁପେ ବ୍ୟବହାର କରୁଥିଲା, ତାପରେ ନୂତନ ପ୍ରସ୍ତର ଯୁଗରେ ପଥରକୁ ଧାରୁଆ କରି ବ୍ୟବହାର କଲା।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


## କବିତା କୋଣାର୍କ

### ସ୍ଥିର ଏଇ ସମୟ ...


ସୁବ୍ରତ କୁମାର ଜେନା




ସ୍ଥିର ଏଇ କ୍ଷଣ,
ହେଲେ ପ୍ରକୃତି ନିଏ ଲେଉଟାଣି,
ଅଡୁଆ ତାଡୁଆ ଅନେକ ପ୍ରଶ୍ନଗୁଚ୍ଛ,
କିନ୍ତୁ ଭାଗ୍ୟଯେ ବାଆଁରା ପକ୍ଷୀ,
କେବେ ଉର୍ଦ୍ଧଗାମୀ କେବେ ରଶାତଳ,
ପ୍ରୟାସ କିନ୍ତୁ ଲାଗି ରହିଛି ନିରନ୍ତର,
ହୁଏତ ବାନ୍ଧିପାରେ ଜହ୍ନକୁ
ହାତ ପାପୁଲିରେ ।

ବାଲି ସମୁଦ୍ରକୁ ଡେଇଁବାକୁ ଉଦ୍ୟମ,
ଆୟୋଜନ ଶେଷ ସୋପାନରେ,
ଆମନ୍ତ୍ରିତ ଅତିଥିଙ୍କର ଦେଖା ନାହିଁ,
ତାହେଲେ କଣ !
ନାଁ ଯେମିତି ହେଉ
ଆଗକୁ ବଢିବାକୁ ହେବ,
କିଏ କହିଲେବି କୁହୁଡି ପହଁରା ।

ସାଧୁବାଦ ନମିଳିଲା ନାହିଁ,
ଏମିତିରେ ବି ଜୀବନଟା ଏକା,
ସାଥି କେବଳ ଆଲୁଅ ର ଛାଇ,
ଆନ୍ଧାରରେ ଦୁକ୍ ଦୁକ୍
ବଢ଼ାଉଥିବା ଭୟ,
କିନ୍ତୁ ଆଗଭଳି ଆଉ ଡରାଇ ପାରୁନି,
ଆମ ଗାଁ ମୁଣ୍ଡ ଓସ୍ତ ଗଛ ଓ
ବର ଓହଳ।

ପିଲାଦିନେ ଶୁଣିଥିଲି ଅନେକ କଥା,
ଆଜି କିନ୍ତୁ ମିଛ ଲାଗିଲେ ବି
ମାନିବାକୁ ମନ କୁହେ,
କେମିତି ପିଠି କରିବି
ସେ କଥାଗୁଡାଙ୍କଠୁ,
ତାଙ୍କରି ଲାଗି ରାତି ଅଧରେ
କେତେ କଣ !
ଝାପ୍ସା ଜହ୍ନ ଆଲୁଅରେ କାଶିଆ
ଗଛରେ ଭୂତର ଭ୍ରମ,
ନିଦ ଭାଙ୍ଗିଗଲେ ମୁଁହ ଲୁଚାଇବାକୁ
ପଡେ ତକିଆରେ,
ଲାଗୁଛି ସ୍ଥିର ହୋଇଛି ଏ କ୍ଷଣ,
କିନ୍ତୁ ନାଁ ଏତ ଗୋଟିଏ ଭ୍ରମ ସଦୃଶ ।

ହେଲେ ଚେଷ୍ଟା କରି ହାରିବାରେ
କ୍ଷତି କଣ ?
କାଳେ ହୁଏତ ହୋଇପାରେ
କିଛି ନୂଆ !
ନିଶ୍ଚିତ ଜାରିରହିବ ଏ ପ୍ରକ୍ରିୟା
ନିରନ୍ତର ଯୁଗ ପରେ ଯୁଗକୁ ।


ସୁରଡ଼ିହ,ନନ୍ଦିପୁର,ଯାଜପୁର
ଦୂରଭାଷ - ୮୨୪୯୨୨୦୮୩୦


### ପୁନେଇଁ ଜହ୍ନ


ଡଃ ମାଙ୍ଗଳିକା ମହାପାତ୍ର




ଛାତ ଉପରେ ଦେଖିଲି
ଯେବେ ପୁନେଇଁ ଜହ୍ନ
ଅସୁମାରୀ ସ୍ୱପ୍ନରେ
ଭରିଗଲା ଏ ମନ ...

ଜହ୍ନର ସଫେଦ ଜୋଛନା
ହୃଦୟକୁ କଲା ଆନମନା
ତା ଦେହର କଳଙ୍କ
ମନେ କଷିଲା କେତେ ଅଙ୍କ
କାହିଁକି କେଜାଣି ସେ କାଳିମା
ମନେ ଭରିଦେଲା
ଫଗୁଣର ଲାଳିମା ..

କଇଁ ପାଇଁ ତାର ଅକୁହା ପ୍ରେମ
ସୃଷ୍ଟି କରେ ମନେ ଅଯଥା ଭ୍ରମ
ପୁନେଇଁ ଜହ୍ନ ଭରା ପ୍ରେମରେ
ଝଲସୁ ଥାଏ
ଆଉ ଉଆଁସୀ ଜହ୍ନ ଅନୁତାପର
ନିଆଁ ରେ ଉଭେଇ ଯାଏ
ପୁନେଇଁ ଜହ୍ନର ଶୀତଳତାକୁ
ହୃଦୟେ ଭରି ...

ଅମାବାସ୍ୟାର ଅନ୍ଧକାରରୁ
ହୁଅ ଗୋ ପାରି ...


+ପ୍ଲଟ ନଂ ୩୫୩ ,
କିଟ୍ ବିଶ୍ୱବିଦ୍ୟାଳୟ


### ପହିଲି ଫଗୁଣ...


ରାହାସ କୁମାର ବେହେରା




ଶୀତୁଆ ସଂଜରେ ପହିଲି ଫଗୁଣ
ଲାଜରେ ସରମି ଯାଏ
ଅବିର ରଙ୍ଗରେ ଦେହକୁ ସଜେଇ
କଣେଇ କଣେଇ ଚାହେଁ
ଖୋଷାରେ କନକ ଆଭା
ପଳାଶ କୁସୁମେ ଯଉବନ ଶୋହେ
ରୂପରେ ଅପ୍ସରୀ ପ୍ରଭା ।
ସୁଲୁ ସୁଲୁ ବାଆ ମଳୟ ମହକେ
ଉଡୁଛି ଚମ୍ପକ କେଶ
ଗୋଲାପୀ ଓଠରେ ଶ୍ରୀଖଣ୍ଡ ସୁବାସ
କଥାରେ ପ୍ରଣୟ ରସ
ଚମକଇ ଅଙ୍ଗରାଗ
ପାଗଳ ଭଅଁର ପ୍ରେମିକ ସାଜିଛି
ସ୍ୱର୍ଗ ସୁଖ ହେବ ଭୋଗ ।
ଆମ୍ବ ବଉଳରେ ବାସ ସଜେଇଛି
କୋଇଲି ଗାଉଛି ଚୋଖି
ଝରାଫୁଲେ ଝର ଝର ଅଂଟା ସୁତା
କୃଷ୍ଣାବେଣୀ ଡାକେ ସଖି
ବାଜେ ମାଦଳ,କାହାଳୀ
ଭାସି ଆସେ ବେଣୁ ମଧୁର ମୂର୍ଚ୍ଛନା
ହରିବୋଲ ହୁଳହୁଳି ।
ଫୁଟିବାସେ ହେନା,
ସୁନାରୀ, ଗୋଲାପ
ମଲ୍ଲି, ମାଳତୀ, ଟଗର
ଚାହାଁଣି ମାତ୍ରକେ ଚାନ୍ଦିନୀ ରାତିରେ
ଜଗିବସେ ଚିତ୍ତ ଚୋର
ଫୁଲେଇ ଫଗୁଣ ଗୋରୀ
ବରଷକେ ଥରେ ଆସିଛି ଧରାକୁ
ଢାଳିଦିଏ ସୁଖ ଶିରି ।


+ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ :୯୪୩୮୧୧୪୩୬୮






# ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ | ଶନିବାର, ୧୩ ମାର୍ଚ୍ଚ ୨୦୨୧


 କ୍ଷୁଦ୍ର କିଶୋର ଗଳ୍ପ :

## ସେଇଥିପାଇଁ ସେମାନେ ମହାନ



ବିନୟ କୁମାର ଦାସ



ଧୂମପାନ ମଣିଷର ଅନେକ କ୍ଷତି କରେ ବୋଲି ଜାଣି ବି ଅନେକ ସିଗାରେଟ ଟାଣନ୍ତି। ସେମିତି ମଦ ମଣିଷକୁ ବିପଥଗାମୀ କରାଏ ଓ ସର୍ବସ୍ୱାନ୍ତ କରିଦିଏ ବୋଲି ଭଲଭାବରେ ଜାଣି ବି ମଣିଷ ମଦ ପିଏ। ଏହାଦ୍ୱାରା ସେମାନେ ସତକୁ ସତ ସେମାନଙ୍କର ଜୀବନକୁ ନଷ୍ଟ କରି ଦିଅନ୍ତି। ନିଜର କ୍ଷତି ହେବା ସଙ୍ଗେ ସଙ୍ଗେ ସେମାନେ ପରିବାରକୁ ବି ତଳିତଳାନ୍ତ କରି ଦିଅନ୍ତି। ସବୁଠାରୁ ବଡ଼ କଥା ହେଲା ଯେ ନିଶା ଅଭ୍ୟାସ କଲେ ମଣିଷର ସୃଜନ ଶକ୍ତି କମି କମି ଯାଏ ଓ ଜୀବନରେ କିଛି ବଡ଼ କାମ ସେମାନେ କରି ପାରନ୍ତି ନାହିଁ।

ବିଶ୍ୱ ବିଖ୍ୟାତ ଫୁଟବଲ ଖେଳାଳି ପେଲେ ତାଙ୍କ ଜୀବନରେ ଯେଉଁ ସଫଳତା ହାସଲ କରି ପାରିଛନ୍ତ, ସେଥିପାଇଁ ସେ ସ୍ୱୀକାର କରିଛନ୍ତି ଯେ ସେ ମଦ ପିଅନ୍ତି ନାହିଁ ଓ ସିଗାରେଟ ଟାଣନ୍ତି ନାହିଁ ବୋଲି ଏହା ସମ୍ଭବ ହୋଇ ପାରିଛି। ସେ ତାଙ୍କ ବାପାଙ୍କୁ ଆର୍ଦଶ ଭାବରେ ଗ୍ରହଣ କରିନେଇଥିଲେ। ତାଙ୍କ ବାପା କେବେ ମଦ ଛୁଇଁ ନ ଥିଲେ କି ସିଗାରେଟ ପିଉନଥିଲେ। କେବଳ ପେଲେ ନୁହେଁ ଭାଇ ଜୋକା ବି ବାପାଙ୍କୁ ଆଦର୍ଶ ଭାବରେ ଗ୍ରହଣ କରିଥିଲେ।

ଥରକର କଥା। ଏକ ସିଗାରେଟ କମ୍ପାନୀ ସେମାନଙ୍କର ବିଜ୍ଞାପନରେ ମଡ଼େଲ ହେବା ପାଇଁ ପେଲେଙ୍କୁ କହିଲେ ଅନୁରୋଧ କରିଥିଲେ। କହିଥିଲେ ଯେ ସେମାନେ ଏକ ବ୍ଲାଙ୍କ୍ ଚେକ୍ ପେଲେଙ୍କୁ ଦେବେ ଓ ପେଲେ ସେହି ଚେକ୍‌ରେ ଯେ କୌଣସି ଏକ ସଂଖ୍ୟା ଲେଖି ପହାର ଡ଼ାହାଣକୁ ଯେତେ ପାରନ୍ତି, ସେତେ ଶୂନ ବସାଇ ଦେଇ ପରିମାଣର ଅର୍ଥ ଗ୍ରହଣ କରି ନେଇ ପାରିବେ, ତା ପ୍ରତିବଦଳରେ ସେ ଖାଲି ଏତିକି କରିବେ ଯେ କଂପାନୀର ସିଗାରେଟ ଟିଏ ସେ ହାତରେ ଧରିବେ ପିଇବା ଢଂଗୀରେ।

ପେଲେ ସିଧା ସରଳରେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, ଫୁଟବଲ ଖେଳକୁ ଭଲ ପାଉଥିବା ବିଶ୍ୱର ଲକ୍ଷ ଲକ୍ଷ ଯୁବକ ଯୁବତୀ ଯଦି ଦେଖନ୍ତି ମୁଁ ସିଗାରେଟ ଧରନ୍ତି ତାହାଲେ ଏ ପୃଥିବୀର ଅବସ୍ଥା କଣ ହେବ ? ମୁଁ ଜାଣି ଶୁଣି ଏତେ ବଡ଼ କ୍ଷତି ପାରିବି ନାହିଁ।''

ଜଗତରେ ହିତ ପାଇଁ ଏ ମନକୁ ଦୃଢ କରି ଏତେ ପରିମାଣର ଅର୍ଥକୁ ଆଡ଼ ଆଖିରେ ଚାହିଁ ନଥିଲେ। ଏହା କିଛି ଛୋଟିଆ କଥା ନୁହେଁ। ନିଜର ଚରିତ୍ର ଓ ଆଦର୍ଶକୁ ଏଇ ଅର୍ଥ ରୋଜଗାର ପାଇଁ ବଳି ଦେଇ ନଥିଲେ। ସେଥିପାଇଁ ତ ସେ ମହାନ।


+ଅନାମିକା ନୀଡ଼, ଅଂଗାର ଗଡିଆ,
ବାଲେଶ୍ୱର-୧




କାର୍ତ୍ତିକ ସାଇଁ

ବିଜ୍ଞାନ ଟୁର୍ଙ୍ଗି - ୩୫

## ଚନ୍ଦ୍ର ପୃଷ୍ଠରେ ମାନବ (ଖ)



ଆଜିକାଲି ମହାକାଶ ବିଜ୍ଞାନକୁ ନେଇ ସାରା ବିଶ୍ୱରେ ବହୁତ ଆଗ୍ରହ ଓ ଉଦ୍ଦୀପନା। ତାର କାରଣ ଆଜିକାଲି ଆମେମାନେ ଅନେକ ମହାଜାଗତିକ ଘଟଣାକୁ ବେଶ୍ ଆଗରୁ ଜାଣିପାରୁଛୁ। ସୂର୍ଯ୍ୟପରାଗ ଓ ଚନ୍ଦ୍ର ଗ୍ରହଣର ସଠିକ୍ ଅନୁମାନ ଆମ ଭାରତୀୟ ଜ୍ୟୋତିର୍ବିଦ୍‌ମାନେ ବେଶ୍ ଆଗରୁ କହି ପାରୁଛନ୍ତି। ମାତ୍ର ଗ୍ରହାଣୁ ବା ଗ୍ରହ ଖଣ୍ଡକୁ ପୃଥିବୀ ପାଖ ହେବା, ସେମାନଙ୍କ ଗତିବିଧି, ଉଲ୍‌କା ଓ ଲାଂଜିତାରାଙ୍କ ଗତିପଥ ଆଜିକାଲି ପୃଥିବୀର ଅନେକ ପର୍ଯ୍ୟବେକ୍ଷଣ କେନ୍ଦ୍ର ଓ ଦୂରବୀକ୍ଷଣ ଯନ୍ତ୍ର କରି ପାରୁଛନ୍ତି। କେବଳ ସେତିକି ନୁହଁ- ମହାକାଶରେ ଥିବା ଅନେକ କୃତ୍ରିମ ଉପଗ୍ରହ ମଧ୍ୟ ଏ ଦିଗରେ ସାହାଯ୍ୟ କରୁଛନ୍ତି।

ପ୍ରଫେସର ଚନ୍ଦ୍ରଶେଖର ଆପୋଲୋ-୧୧ର କାହାଣୀ ବିଜ୍ଞାନୀ ଟୁର୍ଙ୍ଗିରେ ଶୁଣାଇଥିଲେ।

ଆପୋଲୋ-୧୧ ପ୍ରଥମ ମହାକାଶଯାନ ଥିଲା ଯିଏ ପୃଥିବୀ ଯାଇ ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିଲା। କମାଣ୍ଡ ନିଲ୍ ଆର୍ମଷ୍ଟ୍ରଙ୍ଗ ଓ ଲୁନାର ମଡ୍ୟୁଲ ପାଇଲଟ୍ ବଜ୍ ଆଲଡ୍ରିନ ଜୁଲାଇ ମାସ ୨୦ ତାରିଖ ଦିନ ଲୁନାର ମଡ୍ୟୁଲ ଇଗଲକୁ ନେଇ ଚନ୍ଦ୍ର - ପୃଷ୍ଠରେ ଅବତରଣ କରିଥିଲେ। ଜୁଲାଇ ମାସ ୨୧ ତାରିଖ ୧୯୬୯ ମହାକାଶ ଯାତ୍ରା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିଲେ ନିଲ୍ ଆର୍ମଷ୍ଟ୍ରଙ୍ଗ। ପ୍ରଥମଥର ପାଇଁ ପୃଥିବୀର ଜଣେ ମଣିଷ ପାଦ ରଖିଲେ ଚନ୍ଦ୍ର ପୃଷ୍ଠରେ। ଇଗଲ ଚନ୍ଦ୍ରପୃଷ୍ଠର ଅବତରଣ କରିସାରିଥିଲା। ତାର ଠିକ୍ ଛଅ ଘଂଟା ୩୯ ମିନିଟ୍ ପରେ ଆର୍ମଷ୍ଟ୍ରଙ୍ଗ ଚନ୍ଦ୍ର ପୃଷ୍ଠରେ ପାଦ ରଖିଲେ। ସାରା ବିଶ୍ୱର ଲୋକ ଏହି ଐତିହାସିକ ଘଟଣାର ସିଧା ପ୍ରସାରଣ ଦେଖିବାକୁ ପାଇଲେ। ଆର୍ମଷ୍ଟ୍ରଙ୍ଗ ସେ କେତୋଟି ଧାଡ଼ି ଆଜି ବି ବିଶ୍ୱବାସୀଙ୍କୁ ଚମତ୍-କୃତ କରେ । ମଣିଷର ଏକ ଛୋଟ ପଦକ୍ଷେପ ମଣିଷ ଜାତି ଲାଗି ଏକ ମହାନ ପଦକ୍ଷେପ। ସେମାନେ ତାଙ୍କ ସାଙ୍ଗରେ ଗୋଟେ ଫଳକ ନେଇଥିଲେ ଯେଉଁଥିରେ ଲେଖା ଥିଲା- ଏଠାରେ ପୃଥିବୀରୁ ଆସିଥିବା ମଣିଷମାନେ ପ୍ରଥମେ ପାଦ ରଖିଥିଲେ। ଜୁଲାଇ ମାସ ୧୯୬୯। ଆମ ସମସ୍ତ ମଣିଷ ଜାତିର ଶାନ୍ତି ଲାଗି ଆସିଥିଲୁ। ଏହି ଫଳକରେ ପୃଥିବୀର ଚିତ୍ର ଥିଲା, ପୃଥିବୀରୁ ବାର୍ତ୍ତା ଥିଲା ଓ ଏହା ଉପରେ ମହାକାଶଯାତ୍ରୀ ଓ ତତ୍‌କାଳୀନ ଆମେରିକାର ରାଷ୍ଟ୍ରପତି ନିକ୍‌ସନ୍‌ଙ୍କ ହସ୍ତାକ୍ଷର ଥିଲା।

ଆର୍ମଷ୍ଟ୍ରଙ୍ଗ ଚନ୍ଦ୍ର ପୃଷ୍ଠରେ ପାଦ ରଖିବାର ୧୯ ମିନିଟ୍ ପରେ ଆଲଡ୍ରିନ୍ ତାଙ୍କ ସହିତ ଯୋଗ ଦେଇଥିଲେ। ସେମାନେ ଦୁଇ ଘଂଟାରୁ ଅଧିକ ସମୟ ଚନ୍ଦ୍ର ପୃଷ୍ଠରେ ରହିଥିଲେ। ଚନ୍ଦ୍ର ପୃଷ୍ଠରୁ ୨୧.୫ କିଲୋଗ୍ରାମର ପଦାର୍ଥ ସଂଗ୍ରହ କରିଥିଲେ। ଏମାନେ ଚନ୍ଦ୍ର ପୃଷ୍ଠରେ ଥିଲାବେଳେ କମାଣ୍ଡ ମଡ୍ୟୁଲରେ ମାଇକେଲ କଲିନ୍ସ ଚନ୍ଦ୍ରକକ୍ଷରେ ଚନ୍ଦ୍ରର ଚାରିପଟେ ବୁଲୁଥିଲେ। ଆର୍ମଷ୍ଟ୍ରଙ୍ଗ ଓ ଆଲଡ୍ରିନ୍ ଚନ୍ଦ୍ର ପୃଷ୍ଠରେ ୨୧ ଘଂଟାରୁ ଅଧିକ ସମୟ ରହିଥିଲେ। ତାପରେ ସେମାନେ ଇଗଲର ସହାୟତାରେ କଲମ୍ୱିଆ ସହିତ ଯୋଡ଼ି ହେବାକୁ ଆରୋହଣ ଆରମ୍ଭ କରିଥିଲେ।

ମେ ମାସ ୨୫ ତାରିଖ ୧୯୬୧ ମସିହା। ଆମେରିକାର ରାଷ୍ଟ୍ରପତି ଜନ୍.ଏଫ.କେନେଡ଼ି କଂଗ୍ରେସକୁ ଉଦ୍‌ବୋଧନ ଦେଇ ଚନ୍ଦ୍ର ପୃଷ୍ଠରେ ଆମେରିକାର ନାଗରିକଙ୍କ ଅବତରଣ କଥା ଷାଠିଏ ଦଶକ ସରିବା ଆଗରୁ କହିଥିଲେ ଓ ବୈଜ୍ଞାନିକମାନଙ୍କୁ ଏକ ବଡ଼ ଆହ୍ୱାନ ଦେଇଥିଲେ। ଠକ୍ ଆଠବର୍ଷ ପରେ ଜୁଲାଇ ମାସ ୨୦ ତାରିଖ, ୧୯୬୯ ମହାକାଶଯାନ ଓ ଲୁନାର ମଡ୍ୟୁଲ ଇଗଲ୍ ନିଲ୍ ଆର୍ମଷ୍ଟ୍ରଙ୍ଗ ଓ ବଜ୍ ଆଲଡ୍ରିନଙ୍କୁ ନେଇ ଚନ୍ଦ୍ର ପୃଷ୍ଠରେ ପହଂଚିଥିଲା। ଏହା ଏକ ଐତିହାସିକ ଘଟଣା ଥିଲା- ଯାହ ପ୍ରମାଣ କରିଥିଲା-ମଣିଷର ଅଧ୍ୟବସାୟ, ଦୃଢ଼ ପରିଶ୍ରମ ଓ ଜିଜ୍ଞାସା ଲାଗି ଆକାଶ ବି ପ୍ରତିବଂଧକ ସୃଷ୍ଟି ପାରିବନି।

ଏହି ଐତିହାସିକ ଘଟଣା ପଚାଶବର୍ଷରୁ ଅଧିକ ବର୍ଷତଳେ ଘଟିଥିଲା। ସ୍ୱାଧୀନତା ପ୍ରାପ୍ତି ପରେ ଆମର ଦେଶର ପ୍ରଧାନମନ୍ତ୍ରୀମାନେ ମହାକାଶ ବିଜ୍ଞାନ, ଉପଗ୍ରହ ତିଆରି ଓ ରକେଟ୍ ବିଜ୍ଞାନକୁ ବହୁତ ଉତ୍ସାହ ଦେଇଛନ୍ତି। ଆଶା କରିବା ଦିନେ ଜଣେ ଭାରତୀୟ ମଧ୍ୟ ଚନ୍ଦ୍ର ପୃଷ୍ଠରେ-ଅବତରଣ କରିବ।

(କ୍ରମଶଃ)


(ମୋ): ୯୯୮୦୩୦୦୭୫୧


## ଜଙ୍ଗଲର ଦୃଶ୍ୟ ଓ ପଲକ୍



ଝରଣା ବାରିକ



ଶୀତ ଋତୁ ସରିସରି ଆସୁଥିବା ସମୟ। ବସନ୍ତ ଋତୁର ଆଗମନରେ ଗଛରୁ ପତ୍ର ସବୁ ଝଡ଼ିବା ଆରମ୍ଭ କରୁଥାଏ। ଶୁଖିଲା ପତ୍ର ସବୁ ଜଙ୍ଗଲ ଭିତରେ ପଡି ରହିଥାଏ। ଜଙ୍ଗଲ ଭିତରେ ରହୁଥିବା ପଶୁ ମାନେ ବେଶ୍ ପାଖାପାଖି ସମସ୍ତେ ସମସ୍ତଙ୍କୁ ଦେଖି ପାରୁଥାନ୍ତି। ଗଛରୁ ପତ୍ର ସବୁ ଝଡିଯିବା କାରଣରୁ ଘଞ୍ଚ ଜଙ୍ଗଲ ପରିବେଶ ନଷ୍ଟ ହେଇ ଯାଇଥାଏ। ଖରାର ପ୍ରକୋପରେ ବନ୍ୟଜନ୍ତୁ ମାନେ ଅତିଷ୍ଠ ହୋଇ ଯାଇଥାନ୍ତି। ସମସ୍ତଙ୍କର ଅପେକ୍ଷାଥାଏ କେବେ ପୁଣି ପତ୍ର କଅଁଳିବ।

ଏହି ସମୟରେ ଜଙ୍ଗଲ ଭିତରେ ନିଆଁ ଲଗାଇ ଦିଆ ଯାଏ। ଝଡି ପଡି ଥିବା ପତ୍ର ସବୁ ପୋଡ଼ି ଦେବା ପାଇଁ । ଜଙ୍ଗଲରେ ନିଆଁ ଲାଗିବା ମାତ୍ରେ ଧୁ ଧୁ ହୋଇ ନିଆଁ ଜଙ୍ଗଲ ସାରା ବ୍ୟାପି ଯାଏ। ପଶୁପକ୍ଷୀ ମାନେ ଜୀବନ ବିକଳରେ ଏପଟ ସେପଟ ହୋଇ ଦୌଡିବା ଆରମ୍ଭ କରି ଦିଅନ୍ତି। ପତ୍ର ପୋଡ଼ିବା ସହ ବଡ ବଡ ଗଛ ବି ପୋଡ଼ି ଯାଏ। ପଶୁ ପକ୍ଷୀ ମାନେ ବି ବହୁତ କଷ୍ଟ ସହିବା ସହ କେତେ ଜୀବଜନ୍ତୁ ପ୍ରାଣ ହରାଇଥାନ୍ତି। ସବୁଠୁ ବେଶି କଷ୍ଟ ପାଆନ୍ତି ଗଛ ଉପରେ ବାସ କରୁଥିବା ମାଙ୍କଡ ମାନେ। ଗଛରୁ ଗଛ ଡେଇଁ ଡେଇଁ ନିଜ ଜୀବନ ବଞ୍ଚେଇ ବାକୁ ଚେଷ୍ଟା କରୁଥାଆନ୍ତି ସେମାନେ। ଏ ସବୁ ଦୃଶ୍ୟ ଆମକୁ ଦିଶେ ନାହିଁ। ଦୂରରେ ଥାଇ ଜଙ୍ଗଲରେ ଲାଗିଥିବା ନିଆଁକୁ ଆମେ ବେଶ୍ ଉପଭୋଗ କରୁ। ଏସବୁ ପ୍ରଥମେ ଆଖିରେ ପଡିଲା ପଲକର। ପଲକ ସାଙ୍ଗେ ସାଙ୍ଗେ ଆସି ମାଆକୁ ଡାକି ନେଇ କହିଲା ମାଆ ଆସିଲୁ ଦେଖିବୁ ଏ ସବୁ କଣ। ଏତେ ଜୋରରେ କଣ ଲାଇଟ୍ ଦେଖା ଯାଉଛି। ମାଆ ଆସି ହସି ଦେଇ କହିଲେ ତୁ ଜାଣିନୁ ଗଛରୁ ପୁରୁଣା ପତ୍ର ଝଡି ଯିବା ପରେ ସେସବୁ ନିଆଁ ଲଗାଇ ଦିଆଯାଏ। କାରଣ ଏତେ ପତ୍ର ପଡ଼ି ରହିଲେ ଅଳିଆ ଆବର୍ଜ୍ଜନା ହେବ। ସେଥିପାଇଁ ବର୍ଷକୁ ଥରେ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଏ। ପଲକ ପୁଣି ପଚାରିଲା ଜଙ୍ଗଲରେ ଥିବା ପଶୁମାନେ ସେ ସମୟରେ କ'ଣ କରନ୍ତି। ମାଆ କହିଲେ ଆଜି କାଲି ସମାଜରେ ଏମିତି ପରିସ୍ଥିତି ସୃଷ୍ଟି ହେଲାଣି ମଣିଷ ମଣିଷର ଭଲ ଚିନ୍ତା କରୁ ନାହିଁ। ସେମାନେ ତ ପଶୁ ତାଙ୍କ କଥା ଚିନ୍ତା କରିବାକୁ ବେଳ କାହିଁ। ଏତିକି କହି ମାଆ ସେଠାରୁ ଚାଲିଗଲେ।

ପଲକର ମନ ବୁଝିଲା ନାହିଁ। ପୁଣି ଘର ଭିତରକୁ ଦୌଡି ଯାଇ ଜେଜେମାଙ୍କୁ ଟାଣି ଟାଣି ନେଇ ପୁଣି ସେଇ ଦୃଶ୍ୟ ଦେଖାଇ ପଚାରିଲା। ଜେଜେମା ହସି ହସି କହିଲେ ତୁ ଜାଣିନୁ ଯେ ପରା ମାଙ୍କଡର ବାହାଘର । ବାହାଘର ବେଳେ ଯେମିତି ବାଣ ରୋଷଣୀ କରି ବର ଆସେ ସେମିତି ମାଙ୍କଡ ତା ବାହାଘର ପାଇଁ ଏତେ ଲାଇଟ୍ ଲଗେଇ ଜଙ୍ଗଲ ଗୋଟା ଯାକ ସଜେଇ ଦେଇଛି। ଏହା କହି ଜେଜେ ମାଆ ବି ଚାଲିଗଲେ। ପଲକର ମନ ବୁଝି ନଥାଏ। ମନେ ମନେ ବାପାଙ୍କ ଆସିବା ବାଟକୁ ଚାହିଁ ରହିଥାଏ। ବାପା ଆସି ପହଂଚିବା ପରେ ପଲକ ପୁଣି ସେଇ କଥା ପଚାରିଲା । ବାପା ବୁଝେଇ ଦେଲେ ଜଙ୍ଗଲ ଅଧିକ ଘଞ୍ଚ ହେଲେ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ ସବୁ ବଢ଼ି ପାରେ ନାହିଁ। ଜୀବ ଜନ୍ତୁଙ୍କ ସଂଖ୍ୟା ଅଧିକ ହେଲେ ଖାଦ୍ୟାଭାବ ଦେଖାଦେଇ ପାରେ। ଏହାର ଏକ ମୁଖ୍ୟ କାରଣ ଶୁଖିଲା ପତ୍ରରେ ନିଆଁ ଲଗାଇ ପୋଡି ସାରିଲା ପରେ ଜଙ୍ଗଲ ପରିଷ୍କାର ହୋଇଯାଏ। ଜଙ୍ଗଲରେ ନୂଆ ପତ୍ର କଅଁଳିଲା ପରେ ପତ୍ର ତୋଳାଯାଏ। ଶାଳ ଗଛର ପତ୍ରରୁ ଖଲି ଓ କେନ୍ଦୁ ଗଛର ପତ୍ରରୁ ବିଡ଼ି ତିଆରି କରାଯାଏ। ସେଥିପାଇଁ ବର୍ଷକୁ ଥରେ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଏ। ଆଉ ସହଜରେ ପତ୍ର ତୋଳାଳିମାନେ ବେଶ୍ ଭଲ ଭାବରେ ପତ୍ର ତୋଳି ତାକୁ ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାନ୍ତି।

ଏଥିରେ ବି ପଲକର ମନ ବୁଝିଲା ନାହିଁ କ'ଣ କଲେ ଏସବୁ ସମସ୍ୟାର ସମାଧାନ ହୋଇ ପାରିବ ତାହାର ଉପାୟ ଖୋଜିବାରେ ଲାଗି ପଡିଲା । ତା ନଜରରେ କେବଳ ସେହି ନିରିହ ପଶୁ ମାନଙ୍କର ଛବି ଭାସି ଉଠିଲା। ମାଙ୍କଡ ମାନଙ୍କର ଏ ଗଛରୁ ସେ ଗଛକୁ ଡେଇଁ ବା ଭୋକ ବିକଳରେ ପୋଡ଼ି ଯାଇଥିବା ପତ୍ରକୁ (ପାଉଁଶ )ଖାଇବା। ଏମିତି କେତେ କ'ଣ ? ସେ ଗୋଟିଏ ଉପାୟ ପାଞ୍ଚିଲା ଯଦି ଜଙ୍ଗଲର କିଛି ଅଂଶରେ ନିଆଁ ଲଗାଇ ସେଇ ସ୍ଥାନକୁ ପାଣି ପକାଇ ଲିଭା ହୁଅନ୍ତା। ଏତେ ସବୁ ସମସ୍ୟା ହୁଅନ୍ତା ନାହିଁ। ଜଙ୍ଗଲ ସୁରକ୍ଷା ସହିତ ବନ୍ୟଜନ୍ତୁ ମାନେ ବି ଅସୁବିଧାର ସମ୍ମୁଖୀନ ହୁଅନ୍ତେ ନାହିଁ।ଏ ବିଷୟରେ ବନ୍ୟ କର୍ମଚାରି ମାନେ ଯଦି ଧ୍ୟାନ ଦିଅନ୍ତେ ତାହେଲେ ଏ ସବୁ ସମସ୍ୟାର ସମାଧାନ ହୋଇପାରନ୍ତା।

ଏ ବିଷୟରେ ବାପାଙ୍କ ସହିତ କଥା ହୁଏ ପଲକ ବାପାଙ୍କ ପାଖରେ ଜିଦ୍ କରେ ବନ୍ୟ କର୍ମଚାରିଙ୍କ ସହିତ ଆଲୋଚନା କରିବା ପାଇଁ। ବାପା ଏ କଥା ଶୁଣି ବହୁତ ଖୁସି ହୁଅନ୍ତି। ଏବଂ କଥା ଦିଅନ୍ତି ବନ୍ୟ କର୍ମଚାରୀଙ୍କ ସହ କଥା ହେଇ ନିଶ୍ଚୟ ଏହାର ଗୋଟିଏ ଉପାୟ ବାହାର କରିବା। ଯୋଉଥିରେ କୌଣସି ଜୀବଜନ୍ତୁ କି ଉଦ୍ଭିଦ ମାନଙ୍କର କିଛି କ୍ଷତି ନହୁଏ। ଏ ବିଷୟରେ ନିଶ୍ଚୟ ଧ୍ୟାନ ଦେବେ ।


ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- ୯୫୫୬୮୪୬୯୩୨


## ମଣିଷ ସମ୍ପଦ

ଦେବଚନ୍ଦ୍ର ମହାପାତ୍ର



ଜାପାନ ଦେଶରେ ଜଣେ ରାଜା ଥିଲେ। ସେ ଭାରୀ ଗର୍ବି ଓ ଏକଜିଦିଆ। ଥରେ ତାଙ୍କ ରାଜ୍ୟରେ ସେ ଏକ ବିଚିତ୍ର ନିୟମ କଲେ। ତାଙ୍କ ମତରେ "ବୁଢ଼ାମାନେ ଦେଶର ଶତ୍ରୁ। ସେମାନେ କେଉଁ କାମକୁ ନୁହଁନ୍ତି। ଘରେ ଖାଇପିଇ ବସିଛନ୍ତି। ପିଲାପିଲିଙ୍କୁ ବୋଝ ହୁଅନ୍ତି। ସେ ଅକର୍ମା ଗୁଡ଼ାକ ଖାଲି ଦେଶର ସମ୍ପଦ ନଷ୍ଟ କରିବା ଛଡ଼ା ଦେଶ ପାଇଁ ଅଲୋଡ଼ା।" ତେଣୁ ନିୟମ ଥିଲା ବୁଢ଼ମାନଙ୍କ ବଣ ଜଙ୍ଗଲକୁ ଛାଡ଼ି ଦିଆଯିବ ସେମାନେ ନିଜପାଇଁ ନିଜେ ଆହାର ଯୋଗାଡ଼ କରିବେ। ତା ନହେଲେ ଭୋକ ଉପାସରେ ମରିବେ, ନଚେତ୍ ବାଘ ଭାଲୁଙ୍କ ମୁହଁରେ ପଡ଼ିବେ।

ସେହି ସମୟର ଏକ ଘଟଣା। ବାପ ପୁଅର ସଂସାର। ପୁଅ ବାପକୁ ଭକ୍ତି କରୁଥିଲା। ବାପ ମଧ୍ୟ ପୁଅକୁ ଢ଼େର ସ୍ନେହ ଦେଉଥିଲା। ବାପ ବୁଢ଼ା ହେଲା। ରାଜାଙ୍କର ହୁକୁମ 'ବୁଢ଼ା ବାପକୁ ପାହାଡ଼ ଜଙ୍ଗଲରେ ଛଡ଼ାଯିବ'। ଯେଉଁ ବାପକୁ ସେ ଏତେ ଭଲ ପାଉଥିଲା, ତାକୁ ନିଛାଟିଆ ଅପନ୍ତରା ଜାଗାକୁ ଛାଡ଼ିବ କିପରି ? ଜଙ୍ଗଲ ଜାଗାରେ ବାଘ, ହାତୀ, ସାପଙ୍କ ମେଳ। ଜାଣିଶୁଣି ସେ ନିଜ ବାପକୁ ବାଘ ମୁହଁକୁ ଠେଲିଦେବ କେମିତି ? ତେବେ ରାଜ୍ୟର ଆଇନ ତ ମାନିବାକୁ ହେବ, ନଚେତ୍ ରାଜଦଣ୍ଡ ଭୋଗିବାକୁ ପଡ଼ିବ।

(କ୍ରମଶଃ)


+ଜେନାରୀ ଗଛ ଛକ, ପୁରୀ ଟାଉନ, ପୁରୀ


କବିତା

ତୁମ ପାଇଁ

### ପବନ...

ଧ୍ରୁବଚରଣ ଘିବେଲା

ସବୁଠାରେ ଥାଏ ନଥିଲା ପରି
କେବେ ସାଇଁ ସାଇଁ କେବେ ଥିଇରି।

କେବେ ପୁଣି ବହେ ସୁଲୁସୁଲିଆ
ମଜାଳିଆ ବାଆ ନଇ କୂଳିଆ।

ଏଇଠି ଥାଏ ସେ ସେଠାକୁ ଯାଏ
ଏଇଠି ସେଇଠି ସବୁଠି ଥାଏ।

ତାପ ବଢ଼ିଗଲେ ଉର୍ଦ୍ଧ୍ୱକୁ ଉଠେ
ଘୁର୍ଣ୍ଣିଝଡ଼ ମୁହେଁ ଯେ ରହେ ତୁଟେ।

ଖରାଦିନ କାଳ ବତାସ ବେଳ
ବତାସ ଧାସରେ ହୁଅନ୍ତି ବିକଳ।

ଖରାଦିନେ ବହେ ଝାଂଜି ପବନ
ଡହକ ବିକଳ ପିଣ୍ଡ ପରାଣ।

ଖରାଦିନ ବର୍ଷା ଆଣେ ଆରାମ
ଥଣ୍ଡା ବାଆ ନୁହେଁ ବିଷ ବିଷମ।

ବହି ଆସେ ଯଦି କାଲୁଆ ବାଆ
ଉଲୁସି ଉଠଇ ପରାଣ ହିଆ।

ଫୁଟବଲର ସେ ଅଟେ ଆହାର
(ଫୁଟବଲ) ଦଉଡ଼େ ଲଭି ଗୋଇଠା ପାହାର।

ଦେହ ଭିତରେ ସେ ପରାଣ ଧନ
ଦେହୁ (ପୂରା) ବାହାରିଲେ ଛାଡ଼େ ପରାଣ।

ଜୀବଙ୍କ ପାଇଁ ସେ ଜୀବ ଜୀବନ
ତା' ଯୋଗୁଁ ଜୀବନ ପିଣ୍ଡରେ ପ୍ରାଣ।


+ବୌଦ୍ଧ, ବଉଦରାଜ-୭୬୨୦୧୪
ମୋ:୯୪୩୭୪୩୮୪୬୬




### ଭଲ ପିଲା ହେବା ଆସ-୦୨...

ଧ୍ରୁବ ଚରଣ ବେହେରା



ପଢିବା ପାଠ ମନ ଲଗାଇ ହେବାନି ଦୁଷ୍ଟ ଜମା
ଗୁରୁଜନଙ୍କ କଥା ମାନିଲେ ଜୀବନେ ମିଳେ କ୍ଷମା ।

ପାଠ ପଢିଲେ ବଢିବ ଜ୍ଞାନ ହେବାରେ ଦିନେ ଜ୍ଞାନୀ
ଦେଶ ଜାତିର ରଖିବା ମାନ ନ ହେବା ବେଇମାନୀ ।

ପିତା ମାତାଙ୍କ ସେବା କରିବା ଭୁଲିବା ନାହିଁ ତାଙ୍କୁ
ତାଙ୍କ ବିନା ଏ ଜୀବନ ମୂଲ୍ୟ ବୁଝାଏ ଶୂନ ଫଳକୁ ।

ଖେଳ ସମୟେ ଖେଳିବା ଖେଳ କରିବାନିରେ କଳି
ମିଳି ମିଶିକି ରହିଲେ ଆମେ ପାହଡ ଦେବା ଟାଳି ।

ଏକତା ପଣେ ରହିବା ସଦା ନ ରଖି ଜାତି ଭେଦ
ସେନେହ ଖୁସି ବାଣ୍ଟିବା ଆମେ କରିବା ନାହିଁ ବାଦ ।

ଦୁଃଖୀ ରଙ୍କଙ୍କ ସେବା କରିବା ସ୍ୱାର୍ଥକୁ ଭୁଲି ଯାଇ
ମାନବ ସେବା ମାଧବ ସେବା ମନେ ରଖିବା ଭାଇ ।

ଭଲ ପିଲାର ଗୁଣକୁ ବହି ହୋଇବା ଭଲ ପିଲା
ଶାନ୍ତ ସ୍ୱଭାବ ସାଧୁର ଭାବ ମନେ ରଖିଲେ ହେଲା ।




+ଭାରତୀୟ ସାମରିକ ସେବା
ଝାଡଖଣ୍ଡ ।
ଦୂରଭାଷ-୮୩୨୮୯୩୦୫୫୪


### ଧରାକୁ ଛୁଇଁଲା ନୂଆବରଷ...

ଚିତ୍ତରଂଜନ ପଟ୍ଟନାୟକ

ଧରାକୁ ଛୁଇଁଲା ନୂଆ ବରଷଲୋ ମାଡ଼ି ମାଡ଼ିଗଲା ଶୀତ,
ଶୀତ ମାଉସୀ ତା ପସରା ମେଲେଇ ଗାଏ 'ଏକୋଇଶି' ଗୀତ।

ଗୀତର ଲହର ଛୁଟୁଚି ଏ କାଳେ ଉତ୍ତରା ପବନ ତାଳେ,
ତାଳେ ତାଳେ ନାଚି ନିରବ ନିଶୀଥେ ସୁଖର ଦୀପାଳି ଜାଳେ।

ଜାଳି ଜାଳି ଦୀପ ରୂପାର କାକର ଦେଉଛି ସରାଗେ ଢ଼ାଳି,
ଢ଼ାଳି ଢ଼ାଳି ଦେହୁ କାକର କଣିକା ହୁଏ ନିରନ୍ତର ଭାଳି।

ଭାଳିଭାଳି ମନେ ଜଗନ୍ନାଥିଆର ଚକା ଆଖି ଯାଏ ଦିଶି,
ଦିଶି ଦିଶି ଯାଏ ମନୋହର ରୂପ ମାଉସୀ ଯାଉଛି ମିଶି।

ମିଶି ମିଶି ଡାକେ କାଳିଆ ଠାକୁର ସାରା ବିଶ୍ୱେ ତୁହି ସାହା,
ସାହା ହୋଇଥିଲେ ଜଗତବାସୀଙ୍କୁ ମିଳିବ ଟିକିଏ ରାହା।

ରାହା ଛାଡ଼ି ଛାଡ଼ି ଡାକୁଛୁ କାଳିଆ 'ଏକୋଇଶି' ଭଲେ କଟୁ,
କଟି କଟି ଯାଉ କୁହୁଡ଼ି ଅନ୍ଧାର ନୂତନ ଆଲୋକ ଛୁଟୁ।




+ନିଗମ ନିବାସ
ଘୁଟୁକେଶରୀ ନରଣପୁର,
କେନ୍ଦୁଝର
ମୋ: ୯୪୩୭୭୮୨୫୦୦

# ବିଇଡି ପରୀକ୍ଷା ନାମରେ ଠକେଇ

## ■ଦଲାଲ ଲୁଟି ନେଲା ୯୦ ହଜାର : ଆନ୍ଧ୍ରକୁ ପରୀକ୍ଷା ଦେବାକୁ ଯାଇ ଛାତ୍ରଛାତ୍ରୀ ହଟହଟା
## ■ବାସୁଦେବପୁର ଓ ଜଳେଶ୍ୱର ଥାନାରେ ଅଭିଯୋଗ
## ■ବିଇଡି ଲାଗି ଆନ୍ଧ୍ରକୁ ଯାଉଛନ୍ତି ପ୍ରତିବର୍ଷ ୨୫ହଜାର ଛାତ୍ରଛାତ୍ରୀ



ଜଳେଶ୍ୱର,୧୨।୩ (ନି.ପ୍ର): ଓଡିଶାରେ ବିଇଡି ଶିକ୍ଷାଲାଗି ସରକାର ବାରମ୍ବାର ଘରୋଇ ବିଇଡିକୁ ରୋକ ଲଗାଇ ଆସୁଥିବା ବେଳେ ଓଡିଶାର ହଜାର ହଜାର ଛାତ୍ରଛାତ୍ରୀ ଅନ୍ୟ ରାଜ୍ୟକୁ ଶିକ୍ଷାଲାଭ ପାଇଁ ଯାଉଛନ୍ତି । ପ୍ରତିବର୍ଷ ୨୫ହଜାର ଛାତ୍ରଛାତ୍ରୀ କେବଳ ଆନ୍ଧ୍ରକୁ ଯାଉଥିବା ବେଳେ ବହୁ ଛାତ୍ରଛାତ୍ରୀ ଦଲାଲ ମାନଙ୍କ ଶୋଷଣର ଶିକାର ହେଉଛନ୍ତି । ଜଳେଶ୍ୱର ଅଂଚଳର କେତେକ ଛାତ୍ରଛାତ୍ରୀ ୯୦ ହଜାର ଟଙ୍କା ଲେଖାଏଁ ଅର୍ଥ ଦଲାଲକୁ ଦେଇଥିବା ବେଳେ ଦଲାଲ ନିର୍ଦ୍ଦିଷ୍ଟ କଲେଜରେ ପୈଠ କରିନଥିବାରୁ କେତେକ ଛାତ୍ରଛାତ୍ରୀ ପରୀକ୍ଷା ଦେବାରେ ହଟହଟା ହୋଇଛନ୍ତି । ଜଳେଶ୍ୱର ଓ ବାସୁଦେବ ଥାନାରେ ଏଥିଲାଗି ଲିଖିତ ଅଭିଯୋଗ ହୋଇଛି । ଓଡିଶାରେ ବିଇଡି ପଢିବାଲାଗି ସୁବିଧାସୁଯୋଗ କମ୍ । ଘରୋଇ ବିଇଡି ବ୍ୟବସ୍ଥା ନ ଥିବା ବେଳେ ବହୁ ସରକାରୀ ବିଇଡି କଲେଜ ବନ୍ଦ ହେଲାଣି । କିନ୍ତୁ ଆମ ରାଜ୍ୟର କେତେକ ବିଶ୍ୱବିଦ୍ୟାଳୟ ସହିତ ସମକକ୍ଷ ଥିବା ଅନ୍ୟ ରାଜ୍ୟର ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ଘରୋଇ କଲେଜ ଅଧିନରେ ଓଡିଶାର ଛାତ୍ରଛାତ୍ରୀ ଶିକ୍ଷାଲାଭ କରିବାକୁ ବାଧ୍ୟ ହେଉଛନ୍ତି । ଏଥିଲାଗି ଛାତ୍ରଛାତ୍ରୀ ମାନଙ୍କୁ 'କୋର୍ସ ଫି' ବାବଦରେ ଦଲାଲମାନେ ଲୁଟୁଛନ୍ତି । ଜଳେଶ୍ୱର ଅଂଚଳର ସୁଃଖଦୁଖିଆ ଗାଁର ସତ୍ୟବ୍ରତ ଦାସ, ରାସଗୋବିନ୍ଦପୁର ଅଂଚଳର ରାଣୀ ମଣ୍ଡଳ, ପାର୍ଥସାରଥି ମାହାଲ ଓ ସପନ କୁମାର ପ୍ରଧାନ ଓ କାଳିଚରଣ ଗିରି କେତେକ ଛାତ୍ରଛାତ୍ରୀ ଆନ୍ଧ୍ରର ନାଗାର୍ଜନ ବିଶ୍ୱବିଦ୍ୟାଳୟ ଅଧିନରେ ବିଇଡି କରିବା ପ୍ରଚେଷ୍ଟା କରିବା ବେଳେ ବାଲେଶ୍ୱରର ରେମଣୁ ନିକଟବର୍ତ୍ତୀ ପ୍ରଦୀପ କୁମାର ଦାସଙ୍କ ସହିତ ଯୋଗାଯୋଗ ହୋଇଥିଲା । ପ୍ରଦୀପ ବାସୁଦେବପୁର ଅଂଚଳର ବାଲିନଗର ଗାଁର ବ୍ରଜକିଶୋର ମୌଳିକ ନାମକ ଜଣେ ଦଲାଲ ସହିତ ଉପରୋକ୍ତ ଛାତ୍ରଛାତ୍ରୀଙ୍କୁ ସାକ୍ଷାତ କରାଇଥିଲା । ଇଣ୍ଡିଆନ୍ ଇନିଷ୍ଟିଚ୍ୟୁସନ ଅଫ ଇନ୍‌ଫରମେସନ ଟେକ୍ନଲୋଜି ଏଣ୍ଡ ପ୍ଲାନିଂ ମେନେଜମେଣ୍ଟ ନାମରେ ଜଳେଶ୍ୱରର ଦେଉଳି ଫଂଚୁଘଣ୍ଟାଠାରେ ଏକ ସଂସ୍ଥା ଖୋଲିଥିଲା । ମାତ୍ର ୪ମାସ ପରେ ୨୦୧୯ ମସିହାରେ ଏହା ବନ୍ଦ ହୋଇଥିଲେ ମଧ୍ୟ କୋର୍ସ ଫି ନାମରେ ପ୍ରଥମ ପର୍ଯ୍ୟାୟରେ ୩୫ହଜାର ଟଙ୍କା ନିଆଯାଇଥିଲା । ଉପରୋକ୍ତ ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲା ଅନ୍ତର୍ଗତ ମାର୍କପୁର ସ୍ଥିତ ଆସାମ କଲେଜ ଅଫ ଏଜୁକେସନ୍‌ରେ ଅଦ୍ୟାବଧି ପ୍ରଥମ ଓ ୨ୟ ସେମିଷ୍ଟାର ପରୀକ୍ଷା ଦେଇଛନ୍ତି । ଦଲାଲ ବ୍ରଜକିଶୋର ମୌଳିକ ଅଦ୍ୟାବଧି ୯୦ହଜାର ଟଙ୍କା ଲେଖାଏଁ ନେଇଥିଲେ ମଧ୍ୟ ୩ୟ ସେମିଷ୍ଟାର ପରୀକ୍ଷାକୁ ନ ଯିବାରୁ ଛାତ୍ରଛାତ୍ରୀମାନେ ସେଠାକାର କଲେଜ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ୨୧୫୦୦ଟଙ୍କା ଲେଖାଏଁ ପୈଠକରିଥିଲେ । ପ୍ରକାଶଯୋଗ୍ୟ କଲେଜ ଫି ବାବଦକୁ ୪ଟି ସେମିଷ୍ଟାର ପାଇଁ ମାତ୍ର ୩୬ହଜାର ଟଙ୍କା ଦେବାକୁ ପଡିଥାଏ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି । ବ୍ରଜକିଶୋର ମୌଳିକ ଓ ପ୍ରଦୀପ ଦାସ ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଲୁଟିଥିଲେ ମଧ୍ୟ ଏବେ ଧରାଛୁଆଁ ଦେଉନଥିବାରୁ ୪ର୍ଥ ସେମିଷ୍ଟାର ପରୀକ୍ଷାଲାଗି ପ୍ରଶ୍ନବାଚି ସୃଷ୍ଟି ହୋଇଛି ।ର ଏ ସଂପର୍କରେ ଉପରୋକ୍ତ ଛାତ୍ରଛାତ୍ରୀମାନେ ବୁଧବାର ଜଳେଶ୍ୱର ଥାନାରେ ଓ ସୋମବାର ବାସୁଦେବପୁର ଥାନାରେ ଏପରି ଦଲାଲି ଓ ଠକାମି ଲାଗି ଲିଖିତ ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀଙ୍କ ପାଇଁ ଓଡିଶା ସରକାର ବିଇଡି ଶିକ୍ଷାର ସରଳୀକରଣ କରାଇଲେ ଓଡିଶାର କୋଟି କୋଟି ଟଙ୍କା ଅନ୍ୟରାଜ୍ୟକୁ ନି ଯିବା ସହିତ ଛାତ୍ରଛାତ୍ରୀଙ୍କ ଅଯଥା ହଇରାଣ ହରକତ ଓ ଠକାମିରୁ ମୁକ୍ତି ମିଳିପାରିବ ବୋଲି ବହୁ ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି ।

# ରାଷ୍ଟ୍ରୀୟ ଶିକ୍ଷାନୀତିର କ୍ରିୟାନ୍ୱୟନ ଓ ଆତ୍ମନିର୍ଭରଶୀଳ ଓଡିଶା ଗଠନ ଦିଗରେ ଗୁରୁତ୍ୱ ଦିଅନ୍ତୁ ରାଜ୍ୟ ସରକାର : ଏବିଭିପି

ଭୁବନେଶ୍ୱର,୧୨।୩(ନି.ପ୍ର): ରାଷ୍ଟ୍ରିୟ ଶିକ୍ଷାନୀତି ୨୦୨୦ ବିଶ୍ୱବିଦ୍ୟାଳୟ ଗୁଡିକର ସହାୟତାକୁ ଗୁରୁତ୍ୱ ଦେଉଥିବା ବେଳେ ରାଜ୍ୟସରକାର ବିଶ୍ୱ ବିଦ୍ୟାଳୟ ମାନଙ୍କର ସ୍ୱତନ୍ତ୍ରତା କ୍ଷୁର୍ଣ୍ଣ କରିବା ପାଇଁ ଉଦ୍ୟମ କରୁଛନ୍ତି । ତେଣୁ ରାଜ୍ୟ ସରକାର ଓଡିଶା ବିଶ୍ୱ ବିଦ୍ୟାଳୟ ଆଇନ୍‌ରେ ଆଣିଥିବା ସଂଶୋଧନ ତୁରନ୍ତ ପ୍ରତ୍ୟାହାର କରିବା , ରାଜ୍ୟର ସମସ୍ତ ବି.ଏଡ୍ ମହାବିଦ୍ୟାଳୟ ଗୁଡିକ ପୁନର୍ବାର ଖୋଲିବା , ସବୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ସୁବ୍ୟସ୍ଥିତ ପରୀକ୍ଷାଗାର ଏବଂ ଅତ୍ୟାଧୁନିକ ପାଠାଗାରର ବ୍ୟବସ୍ଥା କରିବା ଏବଂ ଓଡିଶାର ଛାତ୍ରଛାତ୍ରୀଙ୍କୁ ଓଡିଶାରେ ନିଯୁକ୍ତି ଦେବାକୁ ଦାବି କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) । ଗୁରୁବାର ଦିନ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଏହି ଦାବି କରିଛନ୍ତି ରାଜ୍ୟ ସଂପାଦକ ସୌଭାଗ୍ୟ ମହାନ୍ତି । ଏହା ବ୍ୟତୀତ ବ୍ରହ୍ମପୁର ଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୪୫ ତମ ରାଜ୍ୟ ଅଧିବେଶନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମହାନ୍ତି କହିଥିଲେ ଯେ ଶିମିଳିପାଳର ସୁରକ୍ଷା ଓ ସୁବିନିଯୋଗ ପାଇଁ ପଦକ୍ଷେପ ନେବା ଏବଂ କୋଟିଆ ଭଳି ପ୍ରସଙ୍ଗରେ ସୀମା ସୁରକ୍ଷା ଓ ରାଜ୍ୟର ୪୫ତମ ରାଜ୍ୟ ଅଧିବେଶନରେ ଆତ୍ମନିର୍ଭରଶୀଳ ଓଡିଶା ଗଠନ ଦିଗରେ ପ୍ରସ୍ତାବ ପାରିତ ହୋଇଯାଇଛି । ଓଡିଶାରୁ ଆତ୍ମନିର୍ଭର ଓ ସମୃଦ୍ଧ କରିବା ପାଇଁ ତତ୍ପରତା ଦେଖାଇବା ସହ ରୋଜଗାରର ସୃଷ୍ଟି କରନ୍ତୁ ରାଜ୍ୟ ସରକାର । ଏହି ଅଧିବେଶନରେ ନାରୀ ସୁରକ୍ଷାକୁ ସରକାର ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ଅଧିବେଶନରେ ପ୍ରସ୍ତାବ ପାରିତ ହୋଇଛି ବୋଲି ସେ କହିଛନ୍ତି ।
ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦକ ସୌଭାଗ୍ୟ ମହାନ୍ତି. ରାଜ୍ୟ ସହ ସଂପାଦକ ସୁଧାଂଶୁ ସାହୁ, ଭୁବନେଶ୍ୱର ମହାନଗର ସହ ସଂପାଦକ ଅଭିଷେକ ପାଣି ଉପସ୍ଥିତ ଥିଲେ ।

# ବର ଶୋଭାଯାତ୍ରାରେ ଗଣ୍ଡଗୋଳ : ଜଣେ ଗୁରୁତର

କେନ୍ଦ୍ରାପଡା,୧୨।୩ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ମାଧପୁର ର ଏକ ବିବାଘରକୁ କରିଲୋପାଟଣା ଗ୍ରାମର ଏକ ବର ଶୋଭାଯାତ୍ରାରେ ଆସିଥିଲା । ମୁଖ୍ୟ ରାସ୍ତାରେ ଆସୁଥିବା ଏହି ଶୋଭାଯାତ୍ରାଟି ରାତି ୧୦ଟା ବାସଜିବାରୁ ମାଇକ ବନ୍ଦ କରିବା ପାଇଁ ପୋଲିସ କର୍ମଚାରୀ ମାନେ ତାଗିଦା କରିଥିଲେ । ମାଇକ(ବାଜା) ବନ୍ଦ ହୋଇଯିବା ପରେ ବରଯାତ୍ରୀ ମଧ୍ୟରେ ନିଶାଶକ୍ତ ଅବସ୍ଥାରେ ଥିବା କିଛି ଯୁବକ ଏହାକୁ ବିରୋଧ କରି ତିବ୍ର ପାଟିତୁଣ୍ଡ କରିଥିଲେ । ନିଶାଶକ୍ତ ଅବସ୍ଥାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ଦେଇ ନିଜ ଭିତରେ ଗଣ୍ଡଗୋଳ ଆରମ୍ଭ କରିଥିଲେ । ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବାପାଇଁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଇଥିଲା । ଏଥିରେ ଚାଟରାପାଟଣା ଗ୍ରାମର ଜଣେ ଯୁବକ ଆହତ ହୋଇ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜନାପଡିଛି ।

# ମା' ଜାନକୀ ସ୍ୱାସ୍ଥ୍ୟ ମିଶନର ସ୍ୱନକ୍ଷତ୍ର ପାଳିତ

ଭୁବନେଶ୍ୱର,୧୨।୩ (ନି.ପ୍ର): ମା ଜାନକୀ ସ୍ୱାସ୍ଥ୍ୟ ମିଶନର ତୃତୀୟ ସ୍ୱନକ୍ଷତ୍ର ପାଳିତ ହୋଇଯାଇଛି । ଭବନେଶ୍ୱରସ୍ଥିତ ଜୟଭାରତ ସଭାଗୃହ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଭିଡ୍ ଓ ଏହାର ପରିଚାଳନା ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଏମେସ୍ ନିର୍ଦ୍ଦେଶିକା ଡକ୍ଟର ଗୀତାଞ୍ଜଳି ପଦ୍ମନାଭନ୍, ଅନ୍ୟମାନଙ୍କ ମଧ୍ୟରେ ଡିଭାଇନ୍ ଲାଇଫ୍ ସୋସାଇଟିର ସ୍ୱାମୀ ଶିବଚିଦାନନ୍ଦ ଏବଂ ସ୍ୱାମୀ ଜଗନ୍ନାଥାନନ୍ଦ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ଡ . କିଶନଲାଲ ଅଗ୍ରୱାଲ ଯୋଗ ଦେଇଥିଲେ ।

# ପାରାଦୀପ ବନ୍ଦର ସିଆଇଏସ୍ଏଫ୍ ପକ୍ଷରୁ ୫୨ତମ ପ୍ରତିଷ୍ଠା ଦିବସ ପାଳିତ

ପାରାଦୀପ ,୧୨।୩ (ନି.ପ୍ର): ପାରାଦୀପ ବନ୍ଦର ସିଆଇଏସ୍ଏଫ୍ ୟୁନିଟ୍ ପକ୍ଷରୁ ୫୨ତମ ପ୍ରତିଷ୍ଠା ଦିବସ ନଜସ୍ୱ କମ୍ପଲେକ୍ସ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯବାନଙ୍କ ଦ୍ୱାରା ଆୟୋଜିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସିଆଇଏସ୍ଏଫ୍ କମାଣ୍ଡାଣ୍ଟ ମାଧବାନନ୍ଦ ବିଶ୍ୱାଳ ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶ୍ରୀ ବୋଷ ଦେଶର ସିଆଇଏସ୍ଏଫ୍‌ର ପ୍ରତିଷ୍ଠା ଓ ଏହି ସଂସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶେଷରେ ଡେପ୍ୟୁଟି କମାଣ୍ଡାଣ୍ଟ ଧ୍ୟାନ ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସେହିପରି ପାରାଦୀପ ରିଫାଇନାରୀରେ ଥିବା ସିଆଇଏସ୍ଏଫ୍ କମ୍ପଲେକ୍ସ ଠାରେ ମଧ ୫୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ରିଫାଇନାରୀ ମୁଖ୍ୟ ଭି.ଏସ.ଜୈନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପ ସମାଦେଷ୍ଟା ସୁଧିର କୁମାର ଏବଂ ସହାୟକ ସମାଦେଷ୍ଟା ପ୍ରମୋଦ କୁମାର ସେଠୀ ଉପସ୍ଥିତ ଥିଲେ ।




# ୧୫ଜଣ ମାଛଚାଷୀଙ୍କୁ ମାଗଣା ଜାଲ ପ୍ରଦାନ

କେନ୍ଦ୍ରାପଡା-୧୧/୦୩ କେନ୍ଦ୍ରାପଡା ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ଜିଲ୍ଲାର ୧୫ଜଣ ମତ୍ସ୍ୟଚାଷୀଙ୍କୁ ମାଗଣା ଜାଲ ପ୍ରଦାନ କରାଯାଇଛି । ଭୁବନେଶ୍ୱରରେ ଥିବା ଭାରତ ସରକାରଙ୍କ ସ୍ୱିକୃତୀପ୍ରାପ୍ତ କୌଶଲ୍ୟ ଗଙ୍ଗା ଯୋଜନା ମାଧମରେ ଅନ୍ତଭୁକ୍ତ କରାଯାଇ ଚାଷୀ ମାନଙ୍କୁ ମାଗଣା ଜାଲ ପ୍ରଦାନ କରାଯାଇଛି । ଏହି ଯୋଜନା ମାଧମରେ ୧ ଏକର ଟିଲାପିଆ ମାଛଚାଷ ନିମନ୍ତେ ୧ଲକ୍ଷ ୮୦ ହଜାର ପ୍ରକଳ୍ପ ମୂଲ୍ୟର ଚାଷକରି ଚାଷୀମାନେ ୫୦ ପ୍ରତିଶତ ରିହାତି ପାଇପାରିବେ ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର ପ୍ରକାଶ କରିଛନ୍ତି । ୧ ଏକର ପିଛା ୬ଟନ୍ ମାଛ ଉତ୍ପାଦନର ଲକ୍ଷ୍ୟ ରଖାଯାଉଛି । ଜିଲ୍ଲାରେ ମତ୍ସ୍ୟଚାଷକୁ ଅଗ୍ରାଧିକାର ଦିଆଯାଇ ମତ୍ସ୍ୟଚାଷୀଙ୍କୁ ସବୁ ପ୍ରକାର ଯୋଜନାରେ ସାମିଲ କରାଯାଇ ଲାଭ ଦାୟକ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର ଓ ଏଡିଏଫଓ ମହମ୍ମଦ ଫିରୋଜ ପ୍ରକାଶ କରିଛନ୍ତି ।

# ପାରାଦୀପର ପୂର୍ବତନ ପୌରାଧକ୍ଷଙ୍କ ଝିଅଙ୍କୁ ଶ୍ରେଷ୍ଠ ମହିଳା କର୍ମଚାରୀ ପୁରସ୍କାର

ପାରାଦୀପ ,୧୨।୩ (ନି.ପ୍ର): ଓପିଟିସିଏଲ୍‌ରେ ଡେପୁଟି ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ପାରାଦୀପ ପୌର ପାଳିକାର ପୂର୍ବତନ ପୌରାଧକ୍ଷ ୰ ଗୋବିନ୍ଦ ଚନ୍ଦ୍ର ତରାଇଙ୍କ କନ୍ୟା ପିତାମ୍ବରୀ ମହାପାତ୍ରଙ୍କୁ ବିଶ୍ୱ ମହିଳା ଦିବସ ରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଓପିଟିସିଏଲ୍ ପକ୍ଷରୁ ଶ୍ରେଷ୍ଟ ମହିଳା କର୍ମଚାରୀ ପୁରସ୍କାରେ ସମ୍ମାନୀତ କରାଯାଇଛି । ଏହି ଅବସର ରେ ଓପିଟିସିଏଲ୍ କାର୍ଯ୍ୟାଳୟରେ ଓଡିଶା ସ୍କିଲ ଡେଭଲପମେଣ୍ଟ ଅଥରିଟିର ଅଧକ୍ଷ ସୁବ୍ରତ ବାଗ୍‌ଚୀ ଶ୍ରୀମତୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀଯୁକ୍ତ ତରାଇ ପାରାଦୀପ ପୌର ପାଳିକାର ପ୍ରଥମ ବିଜେଡି ପୌରପାଳ ଭାବେ କାର୍ଯ୍ୟ କରିଥିଲେ । ଶ୍ରୀମତୀ ମହାପାତ୍ର ଏହି ସମ୍ମାନଜନକ ପୁରସ୍କାର ପାଇବା ପରେ ପାରାଦୀପ ସମେତ ତାଙ୍କ ପୈତୃକ ଗ୍ରାମ କୁଜଙ୍ଗ ଥାନା ଅନ୍ତର୍ଗତ କାଳିଆପାଟ ଗ୍ରାମରେ ଖୁସିର ଲହରି ଖେଳିଯାଇଛି ।

# ଭାରତୀୟ ଫୁଟବଲ ଅଧିନାୟକ ସୁନୀଲ ଛେତ୍ରୀଙ୍କୁ କରୋନା

ନୂଆଦିଲ୍ଲୀ,୧୨।୩ (ନି.ପ୍ର): ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏସମ୍ପର୍କରେ ସେ ନିଜେ ଟୁଇଟ୍ କରି ସୂଚନା ଦେଇଛନ୍ତି । ତେବେ ସେ ସୁସ୍ଥ ଅନୁଭବ କରୁଥିବା ଉଲ୍ଲେଖ କରିବା ସେହ ସମସ୍ତେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଟୁଇଟ୍ ରେ ଛତ୍ରୀ ଲେଖିଛନ୍ତି, 'ଏହା ଖୁସିର ଅପଡେଟ୍ ନୁହେଁ । ମୁଁ କୋଭିଡ୍ -୧୯ ପଜିଟିଭ୍ ବୋଲି ଜଣାପଡିଛି । ଖୁସିର କଥା ହେଉଛି ମୁଁ ସୁସ୍ଥ ଅନୁଭବ କରୁଛି ଏବଂ ଖୁବ୍ ଶୀଘ୍ର ଫୁଟବଲ ପିଚ୍‌କୁ ଫେରିବି ।

# ମାଲକାନଗିରି ମହାବିଦ୍ୟାଳୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ

ମାଲକାନଗିରି,୧୨।୩ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାଲକାନଗିରି ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଅନ୍ତର୍ନିହିତ ଗୁଣାତ୍ମକ ଆଶ୍ୱାସନା କକ୍ଷ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇକ୍ୟୁଏସସିର ସଂଯୋଜକ ଡ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ । ଅର୍ଥ ଶାସ୍ତ୍ର ବିଭାଗର ମୁଖ୍ୟ ପ୍ରାଧାପକ ଲିଙ୍ଗରାଜ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦାନ କରି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସମ୍ବନ୍ଧରେ ଆଲୋଚନା କରିଥିଲେ । ଇଂରାଜୀ ବିଭାଗର ମୁଖ୍ୟ ଉମେଶ ଚନ୍ଦ୍ର ରାଉତ, ଓଡ଼ିଆ ବିଭାଗର ମୁଖ୍ୟ ତପନ କୁମାର ବେହେରା ସହ ବକ୍ତା ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଜାତୀୟ ସେବା ସଂସ୍ଥା ଯୋଜନା ଅଧିକାରୀ ପ୍ରମୀୟ କୁମାର ମହାନ୍ତି, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଲେଫ୍ଟନାଂଟ ସୁଶାନ୍ତ ମାଝି, ଅଧାପକ ଗୌତମ ନାୟକ, ଅଧାପକ ଜୀମୂତ ନାୟକ, ପ୍ରଦୀପ ଓରାମ, ବି. ଗୁପ୍ତେଶ୍ୱର ରାଓ, ଅଧାପିକା ପ୍ରେମରେଖା ଭତ୍ରା, ଲକ୍ଷ୍ମୀ କୁଜୁର, ଲିପ୍ସାରାଣୀ ନାୟକ, ସୀତାଂଶୁ ପରିଡ଼ା ପ୍ରମୁଖ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ବିଶେଷ କରି ଓଡ଼ିଆ ଭାଷାର କିପରି ଅଗ୍ରଗତି ହୋଇପାରିବ ସେନେଇ ଆଲୋଚନା ହୋଇଥିଲା । ଶେଷରେ ଶିକ୍ଷା ବିଭାଗର ମୁଖ୍ୟ ଗୌତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କୁଲ ମିଶ୍ରଣର ତଦନ୍ତ ନକରି ରିପୋର୍ଟ ପ୍ରଦାନକୁ ନେଇ ଅସନ୍ତୋଷ

କେନ୍ଦ୍ରାପଡା,୧୨।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ସ୍କୁଲ ମିଶ୍ରଣକୁ ଅବିଭାବକ, ଛାତ୍ରଛାତ୍ରୀମାନେ ତୀବ୍ର ବିରୋଧ କରି ଆସୁଥିଲେ । ଏନେଇ ଗଣଶିକ୍ଷା ବିବାଗର ମୁଖ୍ୟ ଶାସନ ସଚିବଙ୍କ ଠାରୁ ଏକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ରିପୋର୍ଟ ଆସିଥିବା ଜଣାପଡିଛି । ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ୨୩୦ ସ୍କୁଲର ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ଥିବାରୁ ଏହାକୁ ଅନ୍ୟ ସ୍କୁଲ ସହିତ ମିଶ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇ ରାଜ୍ୟ ଗଣଶିକ୍ଷା ବିଭାଗ ନିକଟକୁ ପଠାଯାଇଛି । ୨୧୭ଟି ସ୍କୁଲ ମିଶ୍ରଣ ପ୍ରକ୍ରିୟା ସରିଥିବା ବେଳେ ଏହି ସ୍କୁଲ ମଧ୍ୟରୁ ୧୪୯ଟି ସ୍କୁଲକୁ ମିଶ୍ରଣ ନକରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପାଖରେ ଅବିଭାବକ, ଛାତ୍ରଛାତ୍ରୀ, ସ୍କୁଲ କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇ ଆସୁଛି । ଅଭିଯୋଗକୁ ଭିତିକରି ରାଜ୍ୟ ଗଣଶିକ୍ଷା ବିଭାଗର ମୁଖ୍ୟ ଶାସନ ସଚିବଙ୍କ ଠାରୁ ଏକ ଚିଠି ଜିଲ୍ଲାପାଳଙ୍କ ନିକଟକୁ ପୁନଃ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ଆସିଛି । ଏହି ଚିଠିକୁ ଆଧାର କରି ଜିଲ୍ଲାରେ ଥିବା ୯ଟି ବ୍ଲକର ବିଡିଓ ମାନେ ଅଭିଯୋଗ ପାଇଥିବା ସ୍କୁଲ ଗୁଡିକର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ପ୍ରାୟ ଅଧିକାଂଶ ବ୍ଲକର ତଦନ୍ତ କାର୍ଯ୍ୟ ଚାଲୁଥିବା ବେଳେ କେନ୍ଦ୍ରାପଡା ବ୍ଲକ ଅଧିନରେ ଥିବା ସ୍କୁଲ ଗୁଡିକର ତଦନ୍ତ ନକରି ରିପୋର୍ଟ ପ୍ରଦାନ କରାଯାଇ ଥିବାରୁ ସ୍କୁଲ କମିଟି, ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅନେକ କ୍ଷେତ୍ରରେ କୋମଳମତୀ ଛାତ୍ରଛାତ୍ରୀ ମାନେ ଅନ୍ୟତ୍ର ସ୍କୁଲକୁ ଯିବାଆସିବା ସମ୍ଭବ ହେଉ ନଥିବାରୁ ଏହାକୁ ତଦନ୍ତ ନକରି ରିପୋର୍ଟ ପ୍ରଦାନ କରିଥିବା ଏହି ଅବିଭାବକ ଓ ଗ୍ରାମବାସୀ ମାନେ ପୁଣି ଅଭିଯୋଗ ପତ୍ର ପ୍ରଦାନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଠିକାଦାରଙ୍କ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ପିପିଏଲ୍ ଫାଣ୍ଡି ଆଗରେ ଧାରଣା

ପାରାଦୀପ ,୧୨।୩ (ନି.ପ୍ର): ଫେବୃୟାରୀ ମାସ ୨୬ ତାରିଖ ଦିନ ପାରାଦୀପ ପିପିଏଲ୍ ସାର କାରଖାନା ପରିସରରେ ଥିବା ଏମଓପି ସାଇଟ୍‌ରେ ପାରାଦୀପର ଏକ ନିର୍ଦ୍ଧିଷ୍ଟ ଶ୍ରମିକ ସଂଗଠନର ଶତାଧିକ ଶ୍ରମିକ ଆସି ଠିକାଦାର ନବଘନ ସ୍ୱାଇଁଙ୍କୁ ଦାଦାବଟୀ ମଗିଥିଲେ । ନବଘନ ଦାଦାବଟି ନ ଦେବାରୁ ସେମାନେ ନବଘନଙ୍କୁ ଆକ୍ରମଣ କରିଥିଲେ । ଥାନା ର କର୍ମଚାରୀମାନେ ଆହତ ନବଘନଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ନେଇଥିଲେ । ଏହି ଆକ୍ରମଣ ଘଟଣାର ଅଭିଯୁକ୍ତ ମାନଙ୍କୁ ଗିରଫ କରାନଯିବା ପ୍ରତିବାଦରେ ପିପିଏଲ୍ ଜମିହରା ପରିବାର ପକ୍ଷରୁ ଶାନ୍ତିପୂର୍ଣଧାରଣା ଦିଆଯାଇଥିଲା । ନବଘନ ପିପିଏଲ୍ ପରିସର ରେ ଛୋଟ ମୋଟ ଠିକା କାମ କରନ୍ତି । ଏହି ଘଟଣାର ଖବର ସଂଗ୍ରହ ନିମନ୍ତେ ଯାଇଥିବା କିଛି ଗଣମଧମ ପ୍ରତିନିଧିଙ୍କୁ ଧାରଣାସ୍ଥଳ କୁ ଛାଡି ନଥିଲେ ପିପିଏଲ କର୍ତ୍ତୃପକ୍ଷ । ଯାହାକୁ ନେଇ ସେଠାରେ ଗଣମଧମ ପ୍ରତିନିଧ ପିପିଏଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ । ଠିକାଦାର ନବଘନଙ୍କ ଘର କୁଜଙ୍ଗ ଥାନାନ୍ତର୍ଗତ ପ୍ରତାପପୁର ଗ୍ରାମରେ ।

# କଫ ସିରପ୍ ଓ ନିଶା ବଟିକା ବିକ୍ରି ଅଭିଯୋଗରେ ଦୁଇ ଗିରଫ

ପୁରୀ,୧୨।୩ (ନି.ପ୍ର): ତାଳବଣିଆ ଥାନା ଅନ୍ତରଗତ ହୁଳହୁଳିଆ ପୋଲ ନିକଟ କ୍ରିଷ୍ଣକ୍ଷ ଗାର୍ଡନ ଠାରେ କଫ ସିରପ ଓ ନିଶା ବଟିକା ବିକ୍ରି ଅଭିଯୋଗ ରେ ଦୁଇ ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ସେହି ଥାନା ଅନ୍ତର୍ଗତ କୁମୁଟି ପାଟଣା ଜଗନ୍ନାଥ କଲୋନୀର ରଣଜିତ ସ୍ୱାଇଁ (୨୫)ଓରଫ ଜୋକର ଓ ମକୁବନ ଚତୁର୍ଥ ଗଳିର ଅଭିଜିତ ରାୟ (୨୦) ।

# ଜାତୀୟ ନାଟକ ମହୋତ୍ସବ କ୍ୟାନଫେଷ୍ଟ-୨୦୨୧ ଉଦ୍‌ଯାପିତ

ପାରାଦୀପ ,୧୨।୩ (ନି.ପ୍ର): ପାରାଦୀପର ଜୟଦେବ ସଦନ ଠାରେ କ୍ୟାନ୍‌ମାସ୍ ଦ୍ୱାରା ଆୟୋଜିତ ୧୮ତମ ଜାତୀୟ ନାଟକ ମହୋତ୍ସବ 'କ୍ୟାନ୍‌ଫେଷ୍ଟ-୨୦୨୧ ବୁଧବାର ସଂନ୍ଧ୍ୟାରେ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି, ଦୀର୍ଘ ଛଅ ଦିନ ଧରି ଚ୍ଲିଥିବା ଏହି ମହୋତ୍ସବରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରତିଷ୍ଠିତ କଳା ଅନୁଷ୍ଠାନ ନିଜର ଶ୍ରେଷ୍ଠ ନାଟକ ମାଧମରେ ସେମାନଙ୍କର କଳା ନୈପୁଣୀ ପ୍ରଦର୍ଶନ କରିଥିଲେ । ଉଦ୍‌ଯାପନୀ ସଂନ୍ଧ୍ୟାରେ ପାରାଦୀପ ବନ୍ଦର ଉପାଧକ୍ଷ ଆଶିଷ କୁମାର ବୋଷ, ଆଇଓସିଏଲ ପାରାଦୀପ ରିଫାଇନାରୀ ମୁଖ୍ୟ ପରିଚ୍ଳକ ଅରୁପ କୁମାର ଭଗବତୀ, ବିଶିଷ୍ଟ ନିର୍ଦ୍ଦେଶକ ତଥା ଓଡିଶା ସଂଗୀତ ନାଟକ ଏକାଡେମିର ସଂପାଦକ ପ୍ରବୋଧ ରଥ, ଦି ପଲିଟିକାଲ ବିଜିନେସ ଦୈନିକ ଇଂରାଜୀର ରେସିଡେଣ୍ଟ ଏଡିଟର ବିଜୟ କେତନ ମିଶ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କ୍ୟାନମାସ୍‌ର ଏପରି ନାଟକ କଳା ର ପ୍ରୋତ୍ସାହନକୁ ଭୁୟସୀ ପ୍ରସଂଶା କରିଥିଲେ । ଉଦ୍‌ଯାପନୀ ସଂନ୍ଧ୍ୟାରେ କଲିକତାର ସୁଦ୍ରକ ନାଟ୍ର ସଂସ୍ଥା ଦ୍ୱାରା ବଙ୍ଗଳା ଭାଷୀ ନାଟକ ତିଥିନିର ପ୍ରଦର୍ଶିତ ହୋଇଥିଲା । ସୂଚନାଥାଉକି ଏହି ମହୋତ୍ସବକୁ କ୍ୟାନମାସ୍‌ର ସଭାପତି ଅତୁଲ୍ୟ କୁମାର ମହାପାତ୍ର ଓ ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ପରିଚ୍ଳନା କରିଥିବା ବେଳେ ସମସ୍ତ ସଭ୍ୟ ଏଥିରେ ସହଯୋଗ କରିଥିଲେ ।



# ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ

କେନ୍ଦ୍ରାପଡା,୧୨।୩ (ନି.ପ୍ର): କେନ୍ଦ୍ରାପଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଓ ସିଓନି ଆୟୁରବେଦିକ୍ ମିଳିତ ସହଯୋଗରେ ସାନ୍ତସାହୀ ଠାରେ ଏକ ଜଳଛତ୍ର ଉଦ୍‌ଘାଟନ ହୋଇଯାଇଛି । କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ କେଶପୁର ବଜାର କେନାଲ ପାଖରେ ମହାଶିବରାତ୍ରୀ ଅବସରରେ ଏହି ଜଳଛତ୍ରଟିକୁ ଉଦ୍‌ଘାଟନ କରାଯାଇଛି । ଏହି ଜଳଛତ୍ର ଦ୍ୱାରା ଯାତାୟତ କରୁଥିବା ସାଧାରଣ ଲୋକେ ଏବଂ ସେଠାରେ ଅପେକ୍ଷାରତ ଯାତ୍ରୀମାନେ ଉପକୃତ ହେବେ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରକାଶ ପାଇଛି । ଏହି ଜଳଛତ୍ରଟି ୩ମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କେଦାର ସ୍ୱାଇଁ, ରାକେଶ ପଣ୍ଡା, ରାଜେଶ ବାରିକ, ମନୋଜ ମହାରଣା, ସୁରଜ ସ୍ୱାଇଁ ପ୍ରମୁଖ ପ୍ରକାଶ କରିଛନ୍ତି ।

# ଶିମିଳିପାଳରେ ଆୟତ୍ତ ହେଉଛି ନିଆଁ : ରାଜ୍ୟରେ ବଢୁଛି

ଭୁବନେଶ୍ୱର,୧୨।୩ (ନି.ପ୍ର): ରାଜ୍ୟର ବନାଗ୍ନି ପରିସ୍ଥିତି ବର୍ତ୍ତମାନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଛି । ତେବେ ଭାରତୀୟ ବନ ସର୍ବେକ୍ଷଣର ତଥ୍ୟାନୁସାରେ ଗତକାଲି ୪୯୭ଟି ବନାଗ୍ନି ପଏଂଟ ଥିବା ବେଳେ ଆଜି ୧୦୪୮ ସାଟେଲାଇଟ୍ ଆଧାରିତ ବନାଗ୍ନି ପଏଂଟ ପଞ୍ଜୀକରଣ ହୋଇଛି । ଅପରପକ୍ଷରେ ଶିମିଳିପାଳ ବ୍ୟାଘ୍ରପ୍ରକଳ୍ପ ଇଲାକା ମଧ୍ୟରେ କେବଳ ୫ଟି ବନାଗ୍ନି ପଏଂଟ ରିପୋର୍ଟ ହୋଇଛି , ଯାହାକି ଗତ ୨ ଦିନ ମଧ୍ୟରେ ୨୬ ଓ ୨୪ ରହିଥିଲା । ଶିମିଳିପାଳର କିଛି ଅଂଶ ଗତକାଲି ବର୍ଷା ହେବାରୁ ନିଆଁ ଆୟତ ହୋଇପାରିଛି । ଆଇ.ଏମ୍.ଡି, ଭୁବନେଶ୍ୱରର ଆକଳନ ଅନୁଯାୟୀ ଆଗାମୀ ୩ ଦିନରେ ଅଧିକାଂଶ ଅଂଚଳରେ ମଧ୍ୟବର୍ତ୍ତୀ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି, ଯାହା ଜଙ୍ଗଲ ଅଗ୍ନି ହ୍ରାସ ପାଇଁ ସକରାତ୍ମକ ଦିଗ ହେବ ବୋଲି ଟାସ୍କ ଫୋର୍ସ ଅଧ୍ୟକ୍ଷ ସନ୍ଦୀପ ତ୍ରିପାଠୀ କହିଛନ୍ତି ।

## ବିଜ୍ଞାନ ଆମକୁ ଧ୍ୱଂସ ଆଡକୁ ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ତାପରେ ଧନୁତୀର, ବନ୍ଧୁକ, ତୋପଠାରୁ ଆରମ୍ଭ କରି କ୍ଷେପଣାସ୍ତ୍ର ଓ ପରମାଣୁ ବୋମା ପାଖରେ ପହଂଚି ଯାଇଛି। ପୂର୍ବ କାଳରେ ହାତୀ ଘୋଡା ସାହାଯ୍ୟରେ ଖଣ୍ଡା ଏବଂ ବର୍ଚ୍ଛା ଦ୍ୱାରା ଜଣେ ଜଣଙ୍କ ସହିତ ଯୁଦ୍ଧ କରୁଥିଲେ। କିନ୍ତୁ ଆଜି ମଣିଷର ଟିପ ଅଗରେ ରିମୋଟ ମାଧ୍ୟମରେ ସମଗ୍ର ପୃଥିବୀକୁ ଧ୍ୱଂସ କରିଦେବା ଭଳି ଶକ୍ତିଶାଳୀ ପରମାଣୁ ବୋମା ଓ କ୍ଷେପଣାସ୍ତ୍ର ଶହଶହ ସଂଖ୍ୟାରେ ଗଚ୍ଛିତ ଅଛି। କେଉଁ ମୁହୂର୍ତ୍ତରେ ସାମାନ୍ୟତମ ଭୁଲ ବୁଝାମଣା , ଆଖି ପିଛୁଳାକେ ସମଗ୍ର ପୃଥିବୀକୁ ଏକ ଧ୍ୱଂସ ସ୍ତୁପରେ ପରିଣତ କରିନଦେବ, ତାହା କହି ହେବନାହିଁ। ବାରୁଦର ସ୍ତୁପ ଉପରେ ସମଗ୍ର ପୃଥିବୀ ଆଜି ଦଣ୍ଡାୟମାନ। ବିଜ୍ଞାନର ଅଗ୍ରଗତି ହିଁ ଧ୍ୱଂସର ସାଥୀ। ମୋଟାମୋଟି ଭାବରେ ବିଜ୍ଞାନର ଅଗ୍ରଗତି ଫଳରେ, ମନୁଷ୍ୟର ଅର୍ଥନୈତିକ ଅବସ୍ଥା, ଶିକ୍ଷା, ପାର୍ଥିବ ଆବଶ୍ୟକତା ବହୁ ଗୁଣରେ ବୃଦ୍ଧି ହୋଇଛି, ଏବଂ ତତ୍ ସଙ୍ଗେ ସଙ୍ଗେ ମାନବୀୟ ଗୁଣର ଅବକ୍ଷୟ ଘଟି, କର୍ମ ବିମୁଖତା, ସ୍ୱାର୍ଥପରତା, ପରସ୍ପର ପ୍ରତି ବିଦ୍ୱେଷତା ଏବଂ ନୈତିକତାର ହ୍ରାସ ଘଟିଅଛି। ବିଜ୍ଞାନର ପ୍ରତ୍ୟେକ ଉଦ୍ଭାବନ ଓ ଆବିଷ୍କାର, ଆମକୁ ଉନ୍ନତି ପଥରେ ଅଗ୍ରସର କରାଉଥିଲେ ମଧ୍ୟ , ପ୍ରତ୍ୟେକ କ୍ଷେତ୍ରରେ ଏକ ନକରାତ୍ମକ ପ୍ରଭାବ ସୃଷ୍ଟି ହେଉଛି। ଆଜି ଯଦି ସାରା ପୃଥିବୀ, କରୋନା ମହାମାରୀର ଭୂତାଣୁ ଦ୍ୱାରା ଭୟଙ୍କର ଭାବରେ ପ୍ରଭାବିତ, ତାହା ମଧ୍ୟ ସେହି ବିଜ୍ଞାନଗାରର ସୃଷ୍ଟି। ବିନା ଅସ୍ତ୍ର ବିନା ରକ୍ତପାତରେ ପୃଥିବୀର ଲକ୍ଷଲକ୍ଷ ଲୋକ ମୃତାହତ। ବିବର୍ତ୍ତନବାଦରୁ ପୃଥିବୀ ଓ ଜୀବଜଗତ ସୃଷ୍ଟି, କିନ୍ତୁ ମନୁଷ୍ୟ ଯଦି ପ୍ରକୃତିର ପ୍ରାକୃତିକ ସମତା ଉପରେ , ବୈଜ୍ଞାନିକ ପ୍ରୟୋଗ ଦ୍ୱାରା , ଅଯଥା ଓ ଅନାବଶ୍ୟକ ପରିବର୍ତ୍ତନର ଧାରା ଜାରି ରଖେ, ତେବେ ପୃଥିବୀ ଓ ମାନବ ସମାଜ ଅଚିରେ ଧ୍ୱଂସ ହୋଇଯିବ। ଜାଗତିକ ଉଷ୍ଣତା (ଗ୍ଲୋବାଲ ଓାର୍ମିଙ୍ଗ) ମେରୁ ପ୍ରଦେଶରେ ବରଫ ତରଳିବା, ଓଜୋନ ସ୍ତରରେ ଛିଦ୍ର, ବିଭିନ୍ନ ପ୍ରଜାତିର ପଶୁ ପକ୍ଷୀଙ୍କର ବିଲୋପ ସାଧନ, ଏସବୁର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ସମୟ ଆସିଛି, ଆମେ ଆମର ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ। ପ୍ରାକୃତିକ ପରିବେଶର ଧାରାକୁ ବିକୃତ ନକରି, ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରୟୋଗ ନକଲେ , ପୃଥିବୀ ଓ ମାନବ ସମାଜର ଧ୍ୱଂସ ଅବଶ୍ୟମ୍ଭାବୀ, ଏହା ନିଃସନ୍ଦେହ।

## ମେଧାବୀ ଛାତ୍ରୀ ବିଦ୍ୟାଶୁଭଦର୍ଶନୀଙ୍କ ସ୍ମୃତି ଦିବସ ପାଳନ ଅବସରରେ ରକ୍ତଦାନ ଶିବିର

ଉଦଳା,୧୨/୦୩ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କଇଁସାରୀ ଗ୍ରାମର ମେଧାବୀ ଛାତ୍ରୀ ବିଦ୍ୟା ଶୁଭଦର୍ଶନୀଙ୍କର ପ୍ରଥମ ବାର୍ଷିକ ସ୍ମୃତି ଦିବସ ପାଳନ ଅବସରରେ ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସହଯୋଗରେ ଗ୍ରାମରେ ପ୍ରଥମ ଥର ପାଇଁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଛାତ୍ରୀ ବିଦ୍ୟା ଶୁଭଦର୍ଶନୀ ଧାନବାଦସ୍ଥିତ ଆଇ.ଆଇ.ଟିରେ ଦିତୀୟବର୍ଷର ଛାତ୍ରୀ ଥିବା ବେଳେ ଭାରତୀୟ ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତ ହେଉଥିଲେ । ସେ ଛୁଟିରେ ଘରକୁ ଆସିଥିବା ବେଳେ ଗତ ୨୦୨୦ ମସିହା ମାର୍ଚ୍ଚ ୮ ତାରିଖ ଦିନ ଉଦଳା ମହାବିଦ୍ୟାଳୟ ସମ୍ମୁଖରେ ଏକ ବାଇକ ଧକ୍କାରେ ମୃତ୍ୟୁବରଣ କରିଥିଲେ । ପାଠପଢ଼ା ସହିତ ବକ୍ତୃତା, ଗୀତାପାଠ, ଆବୃତ୍ତି, କୁଇଜ ଆଦି ପ୍ରତିଯୋଗିତାରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ସେ କୃତିତ୍ୱ ଅର୍ଜନ କରିଥିଲେ । ତେବେ ବିଦ୍ୟାଶୁଭଦର୍ଶନୀଙ୍କ ସ୍ମୃତି ଦିବସ ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଭାତ କୁମାର ମହାପାତ୍ର ଏବଂ ଉପଖଣ୍ଡ ଚିକିତ୍ସାଧିକାରୀ ଡ଼. ଶିବାନନ୍ଦ ମହାନ୍ତି ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ମୋଟ ୬୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଶ୍ରୀ ଜଗନ୍ନାଥ କମିଟିର ସଭାପତି ସୁରେଶଚନ୍ଦ୍ର ପରିଛା, ସଂପାଦକ ମନୋରଂଜନ ପୁହାଣ, ଦୋଳମଣି ପୁହାଣଙ୍କ ସମେତ ଗ୍ରାମବାସୀ ମାନେ ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗୋଟିଏ ଦିନରେ ୬୪.....

ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୧୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ ଜିଲ୍ଲାରେ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ୍ ବଲାଙ୍ଗୀର ଜିଲ୍ଲାରେ ୨ ଜଣ ତଥା ବୌଦ୍ଧ ଜିଲ୍ଲାରେ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକ ଜିଲ୍ଲାରୁ ୭ ଓ ଦେବଗଡ ଜିଲ୍ଲାର ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୪ ତଥା ଗଂଜାମ ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । କନ୍ଧମାଳ, କେନ୍ଦ୍ରାପଡା ଓ କେନ୍ଦୁଝର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଓ ମାଲକାନଗିରି ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୁରଭଂଜ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁର ନୟାଗଡ ଓ ନୂଆପଡା ଓ ପୁରୀ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ରାୟଗଡା ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରେ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍‌ପୁଲ୍‌ରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି ।

### ପଶ୍ଚିମବଙ୍ଗ ବିଧାନସଭା....

ଏହି ନାମାଙ୍କନ ସଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି ମଧ୍ୟ ଉପସ୍ଥିତ ଥିଲେ। ହଳଦୀଆଠାରେ ବିଜେପିର ନନ୍ଦିଗ୍ରାମ ବିଧାନସଭା ନିର୍ବାଚନ ମଣ୍ଡଳିର ପ୍ରାର୍ଥୀ ସୁଭେନ୍ଦୁ ଅଧିକାରୀ ଓ ହଳଦୀଆ ବିଧାନସଭା ନିର୍ବାଚନ ମଣ୍ଡଳିର ପ୍ରାର୍ଥିନୀ ତାପଶୀ ମଣ୍ଡଳ ପାଇଁ ଆୟୋଜିତ ଏକ ବିଶାଳ ଜନସଭାକୁ ସମ୍ବୋଧନକରି ଶ୍ରୀ ପ୍ରଧାନ କହିଛନ୍ତି ୯୧ ବର୍ଷ ପୂର୍ବେ ଆଜିର ଦିନରେ ମହାତ୍ମା ଗାନ୍ଧୀ ବ୍ରିଟିଶ ଶାସନ ଓ ତାଙ୍କ ନୀତି ବିରୋଧରେ ସାବରମତୀ ଆଶ୍ରମରୁ ଆରମ୍ଭ କରି ଦାଣ୍ଡି ପର୍ଯ୍ୟନ୍ତ ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ। ଏହି ଐତିହାସିକ ଦିନକୁ ମନେ ପକାଇ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଅମୃତ ମହୋତ୍ସବର ଶୁଭାରମ୍ଭ କରିଛନ୍ତି। ଆଜି ପଶ୍ଚିମବଙ୍ଗରେ ମଧ୍ୟ ପରିବର୍ତ୍ତନର ଯାତ୍ରା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗର ଜନସାଧାରଣ ଭୟ, ଭ୍ରଷ୍ଟାଚାର, କୁଶାସନ, କଟ୍ ମନି, ତୋଲବାଜୀ, ଗୁଣ୍ଡାଗର୍ଦ୍ଦୀ ବିରୋଧରେ ନିର୍ଣ୍ଣାୟକ ଲଢେଇ ପାଇଁ ମନ ବନେଇ ସାରିଛନ୍ତି। ମୋଦି ସରକାର ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ କଲେ କିନ୍ତୁ ପଶ୍ଚିମବଙ୍ଗର ଜନସାଧାରଣ ଏହାର ଲାଭ ପାଇ ପାରୁ ନାହାନ୍ତି। ସେହିପରି ପିଏମ୍ କିଷାନ୍ ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ବାର୍ଷିକ ଛଅ ହଜାର ଟଙ୍କା ମୋଦି ସରକାର ପ୍ରଦାନ କରୁଛନ୍ତି। କିନ୍ତୁ ମମତା ଦିଦି ଚାଷୀଙ୍କୁ ଓ ପଶ୍ଚିମବଙ୍ଗ ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରୁ ବଂଚିତ ରଖିଛନ୍ତି। ପଶ୍ଚିମବଙ୍ଗର ହଳଦୀଆରେ ଯୁବକମାନଙ୍କ ପାଇଁ ରୋଜଗାର ଅପାର ସମ୍ଭାବନା ଥିଲେ ମଧ୍ୟ ରୋଜଗାର ମିଳୁନଥିବା ଶ୍ରୀ ପ୍ରଧାନ କହିଛନ୍ତି। ଦୀର୍ଘ ଦଶବର୍ଷ ଧରି ମମତା ବାନାର୍ଜୀ ପଶ୍ଚିମବଙ୍ଗର ଶାସନ ବ୍ୟବସ୍ଥାରେ ଥିଲେ ମଧ୍ୟ ଲୋକେ ସୁଶାସନ ଓରୋଜଗାରୁ ବଂଚିଚ ଅଛନ୍ତି। ସେଥିପାଇଁ ପଶ୍ଚିମବଙ୍ଗର ଜନସାଧାରଣ ଭାରତୀୟ ଜନତା ପାର୍ଟି ଉପରେ ଆସ୍ଥା ପ୍ରକଟକରିବା ପାଇଁ ନିର୍ଣ୍ଣୟ କରିସାରିଥିବା ଶ୍ରୀ ପ୍ରଧାନ ନିଜ ଅଭିଭାଷରରେ ଉଲ୍ଲେଖ କରିଛନ୍ତି। ପଶ୍ଚିମବଙ୍ଗ ଗସ୍ତ ଅବସରରେ ଶ୍ରୀ ପ୍ରଧାନ ତାମଲୁକ ଠାରେ ସ୍ୱାଧୀନତା ସଂଗ୍ରମାର ଅମର ନାୟିକା ମାତାଙ୍ଗିନୀ ହାଜ୍‌ରାଙ୍କ ସ୍ମୃତି ସ୍ଥଳ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପକ୍କାଘର ସିନ୍ଧି କାଟି ଦୋକାନ ଚୋରି

ଜଳେଶ୍ୱର, ୧୨/୩ (ନିପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ବାଘାବାଳୀ ଗ୍ରାମସ୍ଥ ପୁରୁଣା ଡିଏସପି ଅଫିସ ସମ୍ମୁଖ ପ୍ରଫୁଲ୍ଲ ଦେଙ୍କ ତେଜରାତୀ ଦୋକାନରେ ସିନ୍ଧିକରି ଦୃବୃତ୍ତମାନେ ନଗଦ ୮ହଜାର ଟଙ୍କା ସହିତ ୫୦ ହଜାର ଟଙ୍କାର ତେଜରାତୀ ସାମଗ୍ରୀ ଲୋଟି ନେଇଥିବାର ଥାନାରେ ଅଭିଯୋଗ ହୋଇଛି । ଏଥିନେଇ ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

## ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ କୁଲଡିହା ଅଭୟାରଣ୍ୟ ବୁଲିଲେ ପ୍ରତାପ ଷଡଙ୍ଗୀ

ବାଲେଶ୍ୱର/ଭୁବନେଶ୍ୱର,୧୨/୦୩ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରତାପ ଷଡଙ୍ଗୀ ଶୁକ୍ରବାର ଦିନ ବାଲେଶ୍ୱର ଜିଲ୍ଲାର କୁଲଡିହା ଅଭୟାରଣ୍ୟ ଯାଇ ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତି ବୁଲି ଦେଖିଛନ୍ତି। ଏସମ୍ପର୍କରେ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡଙ୍ଗୀ ଟୁଇଟ୍ କରିଛନ୍ତି ଯେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସହିତ କୁଲଡିହା ଅଭୟାରଣ୍ୟରେ ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତି ବୁଲି ଦେଖିଲି । ଜୀବଜନ୍ତୁଙ୍କ ବାସସ୍ଥାନ ନଷ୍ଟ ଅଥବା ବଳପୂର୍ବକ ଦଖଲ ସେମାନଙ୍କ ପାଇଁ ବଡ଼ ବିନାଶକ ଭାବେ ଉଭା ହୋଇଛି। ଏଥିସହିତ ଯୋଡ଼ି ହୋଇଯାଇଛି ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନ। ଜୈବବିବିଧତା ବିଷୟରେ ଜନସାଧାରଣଙ୍କ ସମ୍ୟକ୍ ଧାରଣା ସୃଷ୍ଟି ହେବା ସହିତ ଏହାର ସଂରକ୍ଷଣ ପ୍ରତି ସେମାନେ ସଚେତନ ଓ ପ୍ରଯତ୍ନ କରିବାର ଆବଶ୍ୟକତା ରହିଛି । ଜଙ୍ଗଲ ସୁରକ୍ଷା କେବଳ ସରକାର ଏବଂ ବନ ବିଭାଗ କର୍ମଚାରୀଙ୍କ ଦାୟିତ୍ୱ ନୁହେଁ ଏହା ଆମ ସମସ୍ତଙ୍କ ପ୍ରାଥମିକ କର୍ତବ୍ୟ ହେବା ଦରକାର।

## ଓସିଏ 'ଭିଜନ - ୨୦୨୪' ଆନ୍ତଃଜିଲ୍ଲା କ୍ଲବ କ୍ରିକେଟ

## ୫୦ ଓଭରରେ ରେକର୍ଡ ୫୯୬ରନ : ଆକାଶ ପୋଦ୍ଦାରଙ୍କ ବିସ୍ଫୋରକ ଅପରାଜିତ ୩୫୬



ଭଦ୍ରକ,୧୨/୦୩ (ନି.ପ୍ର) :ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଓସିଏ ଆନୁକୂଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଚାଲିଥିବା ଆନ୍ତ ଜିଲ୍ଲା କ୍ଲବ କ୍ରିକେଟ ମ୍ୟାଚରେ ଗତକାଲି ଏକ ରେକର୍ଡପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୫ଶହରୁ ଉର୍ଦ୍ଧ୍ୱ ବିଜୟ ବ୍ୟବଧାନ ସହିତ ବ୍ୟକ୍ତିଗତ ନଟଆଉଟ ୩୫୬ ମ୍ୟାଚକୁ ଆକର୍ଷଣୀୟ କରିଥିଲା। ଗତକାଲିର ମ୍ୟାଚ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ଓ ସୂର୍ଯ୍ୟଶିଖା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବିଜୟଭାନୁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ମାତ୍ର ୩ ଉଇକେଟରେ ବିଶାଳ ୫୯୬ ରନ କରିଥିଲା। ଦଳ ପକ୍ଷରୁ ଆକାଶ ପୋଦ୍ଦାର ବିସ୍ଫୋରକ ୧୬୮ଟି ବଲ ଖେଳି ୪୭ଟି ଚଉକା ଓ ୧୫ଟି ଛକ ବଲରେ ୩୫୬ରନ କରିଥିଲେ। ଅନ୍ୟତମ ବ୍ୟାଟ୍‌ସମ୍ୟାନ ଚିରଂଜିବ ବେହେରା ୫୪ ବଲ ଖେଳି ୧୯ଟି ଚଉକା ବଳରେ ୧୦୬ରନ କରିଥିଲେ। ସ୍ୱୟଂମ୍ଭୁ ପଲାଇ ୪୫ ଓ ସମ୍ବିତ ରାଉତ ୪୨ ରନ କରିଥିଲେ। ସୂର୍ଯ୍ୟଶିଖା କ୍ଲବ ପକ୍ଷରୁ ଆଶିଷ ମହାପାତ୍ର, ମୟଙ୍କ ଜୟସ୍ୱାଲ ଓ ହର୍ଷ ମାଓ୍ୱାର ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧ ବ୍ୟାଟିଂରେ ସୂର୍ଯ୍ୟଶିଖା କ୍ଲବ ବ୍ୟାଟିଂ ବିପର୍ଯ୍ୟର ସମ୍ମୁଖୀନ ହୋଇ ମାତ୍ର ୨୬.୩ ଓଭରରେ ୭୩ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଯାଇଥିଲେ। ଦଳ ପକ୍ଷରୁ ଆଶିଷ କୁମାର ମହାପାତ୍ର ୧୬ ରନ ଓ ହର୍ଷ ମାଓ୍ୱାର ୧୫ ରନ କରିଥିଲେ। ବିଜୟଭାନୁ ଦଳ ପକ୍ଷରୁ ସତ୍ୟ ପ୍ରକାଶ ସାହୁ ୭ ଓଭରରେ ୨ଟି ମେଡେନ ସହ ୧୭ ରନ ଦେଇ ୫ଟି ଉଇକେଟ ନେଇଥିବା ବେଳେ ଦୀପକ ନାୟକ, ଆଶୀର୍ବାଦ ଦେବଦର୍ଶୀ, ପଙ୍କଜ ରାଉତ, ସୌମ୍ୟ ରଂଜନ ବାରିକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଆକାଶ ପୋଦ୍ଦାରଙ୍କୁ ମ୍ୟାନ ଅପ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚକୁ ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ଓ ରଂଜନ ମହାନ୍ତି ପରିଚାଳନା କରିଥିବା ବେଳେ ସସ୍ମିତା ସାହୁ ଓ ରାଜେଶ ନାୟକ ସ୍କୋର ଥିଲେ।

## ଆତ୍ମଦର୍ଶନ ଭବନରେ ୮୫ତମ ଶିବଜୟନ୍ତୀ ପାଳିତ



ଉଦଳା, ୧୨/୦୩(ନି.ପ୍ର)- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରିୟ ବିଶ୍ୱବିଦ୍ୟାଳୟ, ଉଦଳା ସେବାକେନ୍ଦ୍ର ତରଫରୁ ସ୍ଥାନୀୟ ଆତ୍ମଦର୍ଶନ ଭବନ ପରିସରରେ ୮୫ ତମ ଶିବ ଜୟନ୍ତୀ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆତ୍ମଦର୍ଶନ ଭବନର ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ଦମୟନ୍ତୀଙ୍କ ଅଧ୍ୟକ୍ଷତାରେ ପତାକା ଉତ୍ତୋଳନ , ପ୍ରଦୀପ ପ୍ରଜ୍ୱଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଦିଲ୍ଲୀପ କୁମାର ଦୀକ୍ଷିତ, ମୁଖ୍ୟବକ୍ତା ଭାବରେ ସମାଜସେବୀ ପ୍ରମିଳା ପଣ୍ଡା ଯୋଗଦେଇ , ମଣିଷ କାମ, କ୍ରୋଧ, ଲୋଭ, ମୋହ ଏବଂ ଅହଂକାର ରୂପକ ଅନ୍ଧକାରରେ ନିମଜ୍ଜିତ । ମଣିଷ ଭିତରେ ଆତ୍ମଜ୍ୟୋତିକୁ ଜଳାଇ ଏହି ଅନ୍ଧକାରକୁ ଦୂରିଭୁତ କରିବା ଶିବରାତ୍ରୀର ଉଦ୍ଦେଶ୍ୟ ବୋଲି ବ୍ୟକ୍ତ କରିଥିଲେ । କୋଭିଡ଼ ୧୯ର ନିୟମକୁ ମାନି ସମସ୍ତ ଭାଇ ଭଉଣୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷରେ ବ୍ରହ୍ମାକୁମାର ସତ୍ୟବାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସନ୍ଧ୍ୟାରେ ସହର ମଧ୍ୟରେ ଥିବା ବିଭିନ୍ନ ଶିବମନ୍ଦିର ମାନଙ୍କରେ ପ୍ରଚାରପତ୍ର ବଣ୍ଟନ ଓ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୬ ଗିରଫ, ୩୫୭ ବାହାନ ଜବତ

ଭୁବନେଶ୍ୱର,୧୨/୦୩ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୬ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୩୫୭ ବାହାନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୪,୧୦,୪୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଜନଗଣନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ ଉତ୍ସବ

ଉଦଳା ୧୨/୦୩(ନି.ପ୍ର)- ୨୦୧୧ ମସିହା ଜନଗଣନା ଚାଲିଥିବା ସମୟରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଶିକ୍ଷକ, ଶିକ୍ଷୟିତ୍ରି ମାନେ ଉଲ୍ଲେଖନୀୟ କାର୍ଯ୍ୟ ସଂପାଦନ କରିଥିବାରୁ ଭାରତ ସରକାରଙ୍କ ତରଫରୁ ଉଦଳାର ୨ ଜଣ ଆରତ କୁମାର ପରିଡ଼ା ଓ ସୁଧାଂଶୁ ବେହେରା ରୌପ୍ୟ ପଦକ ଏବଂ ଆଉ ୨ ଜଣ ପ୍ରଶାନ୍ତ କୁମାର ଜେନା ଓ ଅସୀମା ଅରୁନ୍ଧତୀ ବ୍ରୋଞ୍ଜ ପଦକ ପାଇବା ପାଇଁ ମନୋନିତ ହୋଇଛନ୍ତି। ଉଦଳା ବ୍ଲକ ଶିକ୍ଷାଧିକାରୀ ଚିଠି ନଂ-୩୨୬ ତା. ୦୮-୦୩-୨୦୨୧ରିଖ ଯୋଗେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରିଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପରେ, ଭାରତ ସରକାରଙ୍କ ତରଫରୁ ଉଦଳା ତହସିଲଦାର ମନୀଷା ମଧୁମିତା ହେମ୍ବ୍ରମ ଏହିସବୁ ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡ଼ାକି ପଦକ ଓ ମାନପତ୍ର ପ୍ରଦାନ କରିଥିବାର ଜଣା ଯାଇଛି । ତହସିଲଦାର ଶିକ୍ଷକ ଶିକ୍ଷୟିତ୍ରି ମାନେ ପିଲାଙ୍କୁ ପାଠ ପଢ଼ାଇବା ସହିତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ଗଠନ ମୂଳକ କାର୍ଯ୍ୟରେ ନିଜକୁ ସାମିଲ କରୁଥିବାରୁ କୃତଜ୍ଞତା ଜଣାଇଥିଲେ ।

## ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସକୁ ବିରୋଧ କରି ବିଜେପିର ବିଏମସି କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର,୧୨/୦୩ (ନି.ପ୍ର): ବିଏମସିର ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସକୁ ବିରୋଧ କରି ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ମାଉସୀ ମାଁ ଛକରୁ ଏକ ବିଶାଳ ଶୋଭାଯାତ୍ରା ବିଏମସି କାର୍ଯ୍ୟାଳୟ ଘେରାଉ କରାଯାଇଛି। ୧୦ ଦିନ ଭିତରେ ବିଏମସି କର୍ତ୍ତୃପକ୍ଷ ଓ ପ୍ରଶାସନ ଏଭଳି ଏକଚାଟିଆ ନିଷ୍ପତିକୁ ପ୍ରତ୍ୟାହାର ନକଲେ ଜିଲ୍ଲା ବିଜେପି ତରଫରୁ ଭୁନେଶ୍ୱରର ସମସ୍ତ ୱାର୍ଡରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଟ୍ରାନ୍ସପାରେନ୍ସି ନାହିଁ କି ଟେକ୍ନୋଲୋଜି ନାହିଁ; ତରବିଆ ଭାବେ ବିନା ପ୍ରସ୍ତୁତିରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବାର ନିଷ୍ପତି ଅତ୍ୟନ୍ତ ହାସ୍ୟାସ୍ପଦ । ଜିଜିଆ କର ସଦୃଶ ବିଏମସି କର୍ତ୍ତୃପକ୍ଷ ରାଜଧାନୀବାସୀଙ୍କ ଉପରେ ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧି କରି ଆର୍ଥିକ ବୋଝ ଲଦି ଦେବାକୁ ବିରାଟ ଷଡଯନ୍ତ୍ର କରୁଛନ୍ତି। ଟେକ୍ନୋଲୋଜିକୁ ବ୍ୟବହାର କରି ପ୍ରତ୍ୟେକ ଅଂଚଳର ପ୍ରତ୍ୟେକ ବିଲ୍ଡିଂ ପାଇଁ କେତେ ପରିମାଣର ଟିକସ ଧାର୍ଯ୍ୟ ହେବ ଏବଂ ଏହା କିପରି ସ୍ଥିର କରାଯିବ ତାହା ସ୍ପଷ୍ଟ କରିବାକୁ ବିଏମସି କର୍ତ୍ତୃପକ୍ଷ ଚାହୁଁନାହାନ୍ତି ବୋଲି ଶ୍ରୀ ସିଂ ଅଭିଯୋଗ କରିଛନ୍ତି । ଏହି ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଅଭିଷେକ ଆଚାର୍ଯ୍ୟ, ମନୋଜ ପଶ୍ଚିମକବାଟ, ରଶ୍ମୀରଂଜନ ମହାପାତ୍ର, ଦିଲୀପ ବେହେରା, ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଅମରଜ୍ୟୋତି ଜଗଦ୍ଦେବ, ଅରୁଣ ପୁରୋହିତ, ରାମ ରଣସିଂହ, ତୃପ୍ତିମୟୀ ମକଦ୍ଦମ, ଉନ୍ନତି ପରିଡା ପ୍ରମୁଖଙ୍କ ସମେତ ଜିଲ୍ଲାର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ୧୨୧୪ କୋଟି ଟଙ୍କାର ୮ଟି ପ୍ରକଳ୍ପକୁ ସିଙ୍ଗିଲ ୱିଣ୍ଡୋ ମଂଜୁରୀ

ଭୁବନେଶ୍ୱର,୧୨/୦୩ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦିନ ଅନୁଷ୍ଠିତ ରାଜ୍ୟ ସିଙ୍ଗିଲ ୱିଣ୍ଡୋ କମିଟି ବୈଠକରେ ୮ଟି ନୂତନ ପୁଂଜି ନିବେଶ ପ୍ରକଳ୍ପକୁ ନିତୀଗତ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପ ପାଇଁ ୧୨୧୪ କୋଟି ଟଙ୍କା ବିନିଯୋଗ ହେବ ଏବଂ ୨୪୨୭ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ଡିଜିଟାଲ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ପ୍ରକଳ୍ପ ଗୁଡିକର ବୈଷୟିକ, ଆର୍ଥିକ ଓ ଭିତିଭୂମି ସମ୍ପର୍କିତ ବିଷୟ ଆଲୋଚନା ଉପସ୍ଥାପନ କରିଥିଲେ। ଶିଳ୍ପମାନଙ୍କ ପାଇଁ ଆବଶ୍ୟକ ପଡୁଥିବା ଜମି ଓ ଜଳର ସଠିକ୍ ଆକଳନ କରିବା ସହ ଅଧିକ ନିଯୁକ୍ତି ଭିତିକ ଶିଳ୍ପ ଗୁଡିକୁ ଅଗ୍ରାଧିକାର ଦେବାପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

## ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ଶ୍ରୀରାମ ଚନ୍ଦ୍ର ଜ୍ୟୋତି ରଥର ଜିଲ୍ଲା ପରିକ୍ରମା ଆରମ୍ଭ

### ସାଂସ୍କୃତିକ ସଦ୍‌ଭାବନା ପାଇଁ ୩ଦିନ ଧରି ଜିଲ୍ଲା ପରିକ୍ରମା କରିବେ ସଂସ୍କୃତି ସୈନିକ



ବାରିପଦା,୧୨/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅବଲୁପ୍ତପ୍ରାୟ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ନିମେନ୍ତ ୨୦୦୩ ମସିହାଠାରୁ ବାରିପଦା ଠାରେ ସାଂସ୍କୃତିକ ଗଣପର୍ବ ବଳାଙ୍ଗୀ ମେହାତ୍ସବ ପାଳିତ ହୋଇ ଅସୁଥିବା ପରିପ୍ରେକ୍ଷୀରେ ଚଳିତ ବର୍ଷ ୫ମ ବାର୍ଷିକ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ଶୋଭାଯାତ୍ରା) ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଶୁକ୍ରବାର ୯ଘଟିକା ସମୟେର ୨ୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳେଦବ ଜୀଉ ମନ୍ଦିର ନିକଟରୁ ଶୁଭାରମ୍ଭ ହୋଇଯାଇଛି । ମାର୍ଚ୍ଚ ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ମୟୂରଭଞ୍ଜ ଜିଲ୍ଲାର ଚାରୋଟି ଯାକ ସବଡିଭିଜନର ଲୋକଙ୍କ ମଧ୍ୟେର ସାମାଜିକ ଓ ସାଂସ୍କୃତିକ ସମନ୍ୱୟ ରକ୍ଷା କରିବା ନିମେନ୍ତ ସମଗ୍ର ମୟୂରଭଞ୍ଜ ଜିଲ୍ଲା ପରିକ୍ରମା କରିବା ସହ ନବ ଓଡିଶାର ଅନ୍ୟତମ ନିର୍ମାତା ରାଜର୍ଷି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜେଦଓଙ୍କ ସ୍ମୃତି ଉଦ୍ଦେଶ୍ୟେର ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ଜିଲ୍ଲା ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଥିବାର ଜଣାଯାଇଛି। ପ୍ରଥେମ ବାରିପଦା ମଧୁବନ ସ୍ଥିତ ମହାରାଜାଙ୍କ ସମାଧି ପୀଠରୁ ପବିତ୍ର ଜ୍ୟୋତି ପ୍ରଜ୍ୱଳିତ ହୋଇ ପବିତ୍ର ଜ୍ୟୋତି ରଥାରୁଢ ହେବାପେର କାର୍ଯ୍ୟକ୍ରମ କୁ ସବୁଜ ପାତାକା ଦେଖାଇ ଉଦଘାଟନ କରିଥ୍ଲେ ବରିଷ୍ଠ ସାମ୍ବାଦିକ ଡଃ ବିଜୟ ଅଗ୍ରୱାଲା । ଅନ୍ୟମାନଙ୍କ ମଧ୍ୟେର ମେହାତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ପଣ୍ଡିତ ଭାଗବତ ପଣ୍ଡା, ପ୍ରଦୀପ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉ, ସୁସ୍ମିତା ଘୋଷାଲ, ପାବର୍ତୀ ବାରିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେର ଯୋଗେଦଇ ଜିଲ୍ଲାେର ସାଂସ୍କୃତିକ ସମନ୍ୱୟ ସହିତ ଭାଇଚାରା ର ପରଂପରାକୁ ଅାେଗଇ ନେବା ଦିଗେର ବଳାଙ୍ଗୀ ମେହାତ୍ସବର ପ୍ରୟାସକୁ ପ୍ରଶଂସା କରିଥ୍ଲେ । ଏହି ଅବସର ରେ ବଳାଙ୍ଗୀ ମେହାତ୍ସବର ଏକ ଟାଇେଟଲ ଗୀତ ମଧ୍ୟ ଉେନ୍ମାଚଇତ ହୋଇଥିଲା । ଜାଗରଣ ଯାତ୍ରାର ଜିଲ୍ଲା ପରିକ୍ରମା ସମୟେର ସମାଜରୁ କୁସଂସ୍କାର, ଅନ୍ଧ ବିଶ୍ୱାସ, ନିଶାସେବନ ଆଦି ଦୂର କରିବା, କେରାନା ସେଚତନତା ସୃଷ୍ଟି ଏବଂ ଟ୍ରାଫିକ ନିୟମ ପାଳନ କରିବା, ପରିବେଶ ସୁରକ୍ଷା, ଅଯଥା ଜଳ ଅପଚୟ ନକରିବା ଆଦି ଦିଗେର ପ୍ରଚାର ପତ୍ର ଓ ପଥପ୍ରାନ୍ତ ସଭା ମାଧମେର ଜନ ସେଚତନତା ସୃଷ୍ଟି ପାଇଁ ପ୍ରୟାସ କରାଯାଇଥାଏ । ଏହି ୩ ଦିନ ବ୍ୟାପି ଅନୁଷ୍ଠିତ ହେବାକୁଥିବା ଶୋଭାଯାତ୍ରାେର ୨୦ଟି ବାଇକ ସହ ମୋଟ ୪୦ଜଣ ସଂସ୍କୃତି ସୈନିକ ସାମିଲ ହେବା ସହିତ ଜ୍ୟୋତିରଥ ବାରିପଦାରୁ ବାହାରି କୁଳିଅଣା, ଝାରେପାଖରୀଆ, ବାଙ୍ଗିରେପାଷୀ, ବିଶୋଇ, ବିଜାେତାଳା, ରାଇରଙ୍ଗପୁର, ବହଳଦା, ଜାମଦା, ଭାଲୁବସା, ଯଶିପୁର, ଖିଚିଂ, ପାଟୁଳିପୁରା, ବୈଶିଙ୍ଗା, ବେତନଟୀ, ଚିତ୍ରଡା, ମେରାଡା, ବାଘଡା, ଶୁଳିଆପଦା ଦେଉଳି ହୋଇ ବାରିପଦାେର ୧୪ ତାରିଖ ସଂଧ୍ୟାରେ ପହଂଚିବ ବୋଲି ଜଣାଯାଇଛି ।

## ବିଭିନ୍ନ ଶିବ ମନ୍ଦିରରେ କୋଭିଡ଼ କଟକଣାରେ ଉଠିଲା ମହାଦୀପ



ଧାମନଗର,୧୨/୦୩ (ନି.ପ୍ର): ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳର ବିଭିନ୍ନ ଶିବମନ୍ଦିର ମାନଙ୍କରେ ମହାଶିବରାତ୍ରୀ ଓ ଜାଗରଯାତ୍ରା ଭକ୍ତି ଏବଂ ଶ୍ରଦ୍ଧାର ସହ ପାଳନ କରାଯାଇଛି। ଭକ୍ତମାନେ ଉପବାସ ରହିବାସହ ଈଶ୍ୱର ଦର୍ଶନ କରି ଦେବ ଦେବ ମହାଦେବଙ୍କୁ କାଗଜ ଓ ସୋଲ ନିର୍ମିତ ଛତା, ଦୀପ ଦାନ ସହ ଭୋଗ, ଘର୍ଷଣ ଲାଗି କରିଥିଲେ। ଶୁକ୍ରବାର ସକାଳୁ ବିଭିନ୍ନ ଶିବମନ୍ଦିର ମାନଙ୍କରେ ଅଙ୍କୁରାରୋପଣ, ଜଳାଧିବାସ, ମନ୍ଦିର ସ୍ନାନ, ସୂର୍ଯ୍ୟପୂଜା, ପାର୍ଶ୍ୱଦେବାଦେବୀଙ୍କ ପୂଜା ସହ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ପରେ ମହାଦେବଙ୍କ ମହାସ୍ନାନ କରାଯିବା ସହ ରୁଦ୍ରାଭିଷେକ ଓ ଘର୍ଷଣ ଲାଗି କରାଯାଇଥିଲା। ସବୁ ମନ୍ଦିର ମାନଙ୍କରେ ପ୍ରାତଃରୁ ଶିବ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମହାଦେବ ଆଶୁତୋଷଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ବେଲପତ୍ର ପାଦୁକ ସେବନ ପୂର୍ବକ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କୁ ଉପାସନା କରିଥିବାବେଳେ ଓଁ ନମଃ ଶିବାୟ ମନ୍ତ୍ର ଜପକରି ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମନ୍ଦିର ଉପରେ ପ୍ରଜ୍ୱଳିତ ମହାଦୀପଙ୍କୁ ଦର୍ଶନ କରିବା ନିମନ୍ତେ ଉଜାଗର ରହିଥିଲେ। ଏହି ଉପଲକ୍ଷେ ବିଭିନ୍ନ ଶିବମନ୍ଦିରକୁ ଆକର୍ଷଣିୟ ଭାବେ ସଜ୍ଜିତ କରାଯାଇଥିଲା। ଧାମନଗର ଅଞ୍ଚଳର ପ୍ରସିଦ୍ଧଶୈବପୀଠ କିଲାଳେଶ୍ୱର, ଧାମନଗରର ଧର୍ମେଶ୍ୱର ମହାଦେବ, ଲିଙ୍ଗେଶ୍ୱର, ରାଧାବଲ୍ଲଭପୁରର ରାମେଶ୍ୱର, ପଳିକିରୀ ଓ କଲ୍ୟାଣୀର ବାବା ଉତ୍ତରେଶ୍ୱର, ଅନହରପୁରର ଅମରେଶ୍ୱର, ଇଛଦାର ତପନେଶ୍ୱର, ଭଗବାନପୁରର ଭକ୍ତେଶ୍ୱର, ଫଳପୁରର ଅରଳେଶ୍ୱର, ଅର୍ଜ୍ଜୁନପୁରର ବାଲୁଙ୍କେଶ୍ୱର ଓ ବଟେଶ୍ୱର, ଆମ୍ବିଳିଗାଁର ଆମ୍ବିଳେଶ୍ୱର, ଜୟକୃଷ୍ଣପୁରର ଚନ୍ଦନେଶ୍ୱର, ପଳିକିରୀ ଛକର ବଟେଶ୍ୱର ଓ ପଶ୍ଚିମେଶ୍ୱର, ଧାମନଗର ଥାନା ପରିସରରେ ଥିବା ଆଖଣ୍ଡଳେଶ୍ୱର, କମାରବନ୍ଧର ନୂତନକରି ପ୍ରତିଷ୍ଠିତ ହୋଇଥିବା ରାମେଶ୍ୱର, ଆନନ୍ଦପୁରର ହରିହର ମହାଦେବ ଆଦି ମନ୍ଦିର ମାନଙ୍କର ନୀତିକାନ୍ତି ସହ ମହାଦେବଙ୍କ ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ମହାଦୀପ ଉଠିଥିବାର ଜଣାଯାଇଛି।

# ନବଗଠିତ ୮ଟି ପଂଚୟତର ନାହିଁ କାର୍ଯ୍ୟାଳୟ

ଜଳେଶ୍ୱର, ୧୨/୩ (ନିପ୍ର) : 'ଜଷ୍ଟିସ୍ ଏଟ୍ ଦି ଡୋର ଷ୍ଟେପ୍' ସରକାରୀ ଯୋଜନା ନିର୍ଦ୍ଦେଶ ଓ ଆଇନ୍‌ର ସୁଫଳ ଲୋକେ ପାଇବାଲାଗି ବିଭିନ୍ନ କାର୍ଯ୍ୟକ୍ରମ ଓ ଡମତାର ବିକେନ୍ଦ୍ରିକରଣ ହୋଇଥାଏ । ତେଣୁ ଜଳେଶ୍ୱର ବ୍ଲକରେ ୨୭ଟି ପଂଚାୟତ ପୂର୍ବେ ଥିବା ବେଳେ ୨୦୧୭ ମସିହାରେ ୩୫ଟି ହୋଇଛି । କିନ୍ତୁ ୪ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଏହି ନବଗଠିତ ୮ଟି ପଂଚାୟତ ଗୃହ ଅଦ୍ୟାବଧି ଆରମ୍ଭ ହୋଇ ପାରିନାହିଁ । ବାଲେଶ୍ୱର ଜିଲାରେ ୨୦୧୬ ମସିହାରେ ଅଧିକ ପଂଚାୟତ ପ୍ରତିଷ୍ଠାଲାଗି ପ୍ରଚେଷ୍ଟା ଆରମ୍ଭ ହୋଇଥିଲା । ୨୦୧୭ ନିର୍ବାଚନ ବେଳକୁ ବାଲେଶ୍ୱର ଜିଲାରେ ନୂତନଭାବେ ୭୧ଟି ପଂଚୟତ ପ୍ରତିଷ୍ଠା ହୋଇଥିଲା । କିନ୍ତୁ ଅଦ୍ୟାବଧି ୫୧ଟି ପଂଚାୟତର ଗୃହ ନ ଥିବା ଜଣାଯାଇଛି । ଏଥିରୁ ଜଳେଶ୍ୱର ବ୍ଲକରେ ୮ଟି, ଭୋଗରାଇରେ ୧୮ଟି, ବସ୍ତାରେ ୯ଟି, ସଦରରେ ୧୦ଟି, ସୋରରେ ୨ଟି, ବାଲିଆପାଳରେ ୧ଟି, ସିମୁଳିଆରେ ୫ଟି, ବାହାନଗାରେ ୩ଟି ଓ ଖଇରା ବ୍ଲକରେ ୭ଟି ପଂଚାୟତ ସୃଷ୍ଟି ହୋଇଥିଲା । ପ୍ରକାଶଯୋଗ୍ୟ ନିଳଗିରି ଓ ଔପଦାରେ ନୂତନ ପଂଚାୟତ ସୃଷ୍ଟି ହୋଇ ନଥିଲା । ଜଳେଶ୍ୱରରେ ଗଡସାହି ବାଲିଆପାଳ, ଝାଡପିମ୍ପଳ, କୋଟସାହି. ଖୁଲୁଡା, ସମ୍ପଡିଆ, ମହମ୍ମଦନଗରପାଟଣା, ଗୋବରଘଟ୍ଟା ଓ କଳମା ନୂଆ ପଂଚାୟତଭାବେ ଗଠିତ ହୋଇଛି । ଅଦ୍ୟାବଧି ମହମ୍ମଦନଗରପାଟଣା, ଗୋବରଘଟ୍ଟା, କଳମା ପଂଚାୟତ ଗୃହର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବା ବେଳେ କୋଟସାହି ପଂଚାୟତକୁ ଛାଡି ଗଡସାହି ବାଲିଆପାଳ, ସମ୍ପଡିଆ, ଝାଡପିମ୍ପଳ, ପଂଚାୟତର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ନୂଆ ପଂଚାୟତର ଗୃହ ନିର୍ମାଣ ଲାଗି ୩୫ଲକ୍ଷ ଲେଖାଏଁ ଟଙ୍କା ଯୋଗାଇ ଦିଆଯାଇଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ ତାହା ସମ୍ଭବ ହୋଇ ପାରିନାହିଁ । ଫଳରେ ପଂଚାୟତ କର୍ମଚାରୀ ଓ ନିର୍ବାଚିତ ପ୍ରତିନିଧି ମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ବସୁନଥିବାରୁ ଲୋକେ ସେମାନଙ୍କ ସଂପର୍କରେ କିଛି ଜାଣି ପାରୁନାହାନ୍ତି । ଫଳରେ ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ଅପହଞ୍ଚ ହୋଇଯାଉଛି ।

## ରୂପ୍‌ସା ସିମେଣ୍ଟ ଗୋଦାମରେ ଅଘଟଣ : ୪ ଗୁରୁତର



ବାଲେଶ୍ୱର,୧୨/୦୩ (ନି.ପ୍ର): ଟ୍ରକକୁ ଲୋଡ୍ ଦେଉଥିବା ବେଳେ ରୂପସା ଅଞ୍ଚଳର ଏକ ଗୋଦାମରେ ସିମେଣ୍ଟ ଲଟ ଗଡ଼ିପଡ଼ିବା ଫଳରେ ଗୁରୁତର ୪ ଶ୍ରମିକଙ୍କୁ ଶୁକ୍ରବାର ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତ ବ୍ୟକ୍ତିମାନେ ହେଲେ ବସ୍ତା ଥାନା ଉଲାଡ଼ି ଗ୍ରାମର ଗଙ୍ଗାଧର ଦଳେଇଙ୍କ ପୁତ୍ର କାର୍ତ୍ତିକ ଦଳେଇ(୩୨), ରୂପସା ତାହରପୁର ଅଞ୍ଚଳର ରମେଶ ସେନାପତି(୨୭), କାଉକ ଚନ୍ଦ୍ର ବାରିକ ଏବଂ ଚାରୁ ସିଂ (୩୮) । ରୂପସା ଥାନା ଅନ୍ତର୍ଗତ ବାମଡ଼ା ଅଞ୍ଚଳରେ ଥିବା ସିମେଣ୍ଟ ଗୋଦାମରେ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା । ୫୦ ଫୁଟ ଉଚ୍ଚ ତଥା ହଜାରେରୁ ଅଧିକ ବୁରାଥିବା ଲଟରୁ ଶ୍ରମିକମାନେ ସିମେଣ୍ଟ ବ୍ୟାଗ ନେଇ ଟ୍ରକରେ ଲୋଡ୍ କରୁଥିଲେ । ହଠାତ ଏହି ଲଟଟି ଗଡ଼ି ପଡ଼ିବା ଫଳରେ ସିମେଣ୍ଟ ବସ୍ତା ତଳେ ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ଚାପି ହୋଇ ଯାଇଥିଲେ । ତନ୍ମଧ୍ୟରୁ ଗୁରୁତର ଥିବା ୪ଜଣଙ୍କୁ ପ୍ରଥମେ ସ୍ଥାନୀୟ ହସପିଟାଲ ଓ ପରେ ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥାର ଉନ୍ନତି ପରିଲକ୍ଷିତ ହୋଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି । ଦୁର୍ଘଟଣା ବେଳେ ଏହି ଗୋଦାମରେ ୩ଶହରୁ ଅଧିକ ଶ୍ରମିକ କାମ କରୁଥିଲେ । ତେବେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ରୂପସା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଆହତ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

### ମାସ୍କ ନପିନ୍ଧିବା ପାଇଁ ୪୬ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୧୨/୦୩(ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅନୁଯାୟୀ ୪୬ ଜଣଙ୍କ ଠାରୁ ମାସ୍କ ନପିନ୍ଧିବା ପାଇଁ ଜୋରିମାନା ଆଦାୟ କରାଯାଇଛି । ସେହିପରି ୬୭ ଜଣ ସାମାଜିକ ଦୂରତା ନରଖିବା ବ୍ୟକ୍ତିଙ୍କ ଠାରୁ ମଧ ଜୋରିମାନା ଆଦାୟ କରାଯାଇଛି ବୋଲି କଟକ ଡିସିପି ଅଫିସ୍‌ରୁ ଟୁଇଟ୍ ଦ୍ୱାରା ସୂଚନା ଦିଆଯାଇଛି ।

## ଅଶୋଧିତ ତୈଳ ଆମଦାନୀ ଟର୍ମିନାଲ ପ୍ଲଟ ନିମନ୍ତେ ଏନ୍‌ଆର୍‌ଏଲ୍ ଓ ପାରାଦୀପ ବନ୍ଦର ମଧ୍ୟରେ ଜମି ଲିଜ୍ ସଂକ୍ରାନ୍ତ ଚୁକ୍ତି ସ୍ୱାକ୍ଷରିତ

ପାରାଦୀପ,୧୨/୦୩ (ନି.ପ୍ର): ୨୩୪.୧୪ ଏକର ବନ୍ଦର ଜମିରେ ଅଶୋଧିତ ତୈଳ ଆମଦାନୀ ଟର୍ମିନାଲ ନିର୍ମାଣ ନିମନ୍ତେ ଆଜି ନୁମାଲିଗଡ ରିଫାଇନେରୀ ଲିମିଟେଡ୍(ଏନ୍‌ଆର୍‌ଏଲ୍) ଓ ପାରାଦୀପ ବନ୍ଦର ସହିତ ଜମି ଲିଜ୍ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ବନ୍ଦର ବୋର୍ଡ ପକ୍ଷରୁ ବରିଷ୍ଠ ସହାୟକ ଓ ସମ୍ପଦ ପ୍ରବନ୍ଧକ ବିଶ୍ୱଜିତ୍ ମିଶ୍ର ଏବଂ ଏନ୍‌ଆର୍‌ଏଲ୍ ପକ୍ଷରୁ ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ପ୍ରବୀର କୁମାର ତାଲୁକଦାର ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ବନ୍ଦର ଅଧକ୍ଷ ବିନିତ୍ କୁମାର, ଉପାଧକ୍ଷ ଏ.କେ.ବୋଷ, ଏନ୍‌ଆର୍‌ଏଲ୍ ପାଇପଲାଇନ୍ ପ୍ରକଳ୍ପ ମୁଖ୍ୟ ମନୋଜ କୁମାର ବେଗୁ, ଉପ ମହାପ୍ରବନ୍ଧକ ଏ.ଜେ.ଫୁକନ୍, ପ୍ରକଳ୍ପ ପ୍ରବନ୍ଧକ ବିକାଶ କୁମାର ଦାସ ଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ପ୍ରସ୍ତାବିତ ଏହି ଟର୍ମିନାଲ, ଏନ୍‌ଆର୍‌ଏଲ୍‌ର ୨୨ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ହେଉଥିବା ସମନ୍ୱିତ ବିଶୋଧନାଗାର ସଂପ୍ରସାଣ ପ୍ରକଳ୍ପର ଅଂଶ ବିଶେଷ । ସୂଚନାଥାଉକି, ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ପାଇପ୍‌ଲାଇନ୍ ଜରିଆରେ ପାରାଦୀପରୁ ଆସାମର ନୁମାଲିଗଡକୁ ଅଶୋଧିତ ତୈଳ ପରିବହନ କରାଯିବ ।

## ପାରାଦୀପରେ ରାସ୍ତା ସଫେଇ ପାଇଁ ଜେଏସ୍‌ଡବ୍ଲୁର ଯାନ୍ତ୍ରିକ ଯାନ ପ୍ରଦାନ



ପାରାଦୀପ,୧୨/୦୩ (ନି.ପ୍ର): ବନ୍ଦର ସହର ପାରାଦୀପରେ ସ୍ୱଚ୍ଛତା, ପରିମଳ ଓ ରାସ୍ତା ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଜେଏସ୍‌ଡବ୍ଲୁ କମ୍ପାନୀ ପୌର ପାଳିକାକୁ ଏକ ରାସ୍ତା ସଫେଇ ଯନ୍ତ୍ର ଚାଳିତ ଯାନ ପ୍ରଦାନ କରିଛି । ଏହି ଅବସରରେ ସ୍ଥାନୀୟ ଜୟଦେବ ସଦନ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧକ୍ଷ ବିନିତ୍ କୁମାର, ଜେଏସ୍‌ଡବ୍ଲୁ ର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ମହେଶ୍ୱରୀଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କ ଉପସ୍ଥିତିରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପତାକା ଦେଖାଇ ଏହି ଯାନର ଶୁଭାରମ୍ଭ କରିଥିଲେ । ଏଠାରେ ସୂଚନା ଥାଉକି, ପାରାଦୀପ ସହରରେ ରାସ୍ତା ସଫେଇ ପାଇଁ ବନ୍ଦର ପ୍ରଶାସନ ପୂର୍ବରୁ ଏହିପରି ଦୁଇଟି ଯାନ୍ତ୍ରୀକ ଯାନ ନିୟୋଜିତ କରିଛି । ତେବେ ପୌର ପାଳିକାକୁ ମିଳିଥିବା ଏହି ଯାନ ପାରାଦୀପରେ ରାସ୍ତା ସଫେଇ କାର୍ଯ୍ୟ କେତେ ପରିମାଣରେ ତ୍ୱରାନ୍ୱିତ ଏବଂ ସ୍ୱଚ୍ଛତା କରିପାରିବ ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲିଟିଛି । ସେହିପରି ଏଲ୍‌ଆଣ୍ଡଟି ତରଫରୁ ମଧ ଏକ ଆମ୍ବୁଲାନ୍ସ ଜନସାଧାରଣଙ୍କ ସେବା ନିମନ୍ତେ ପୌର ପାଳିକାକୁ ପ୍ରଦାନ କରିଥିବା ଜଣାପଡିଛି ।

## ନଳମଗଞ୍ଜ ଛକ ମହାନାଳର ଦୂରାବସ୍ଥା : ଦୃଷ୍ଟି ଦାବି




ପାରାଦୀପ,୧୨/୦୩ (ନି.ପ୍ର): ନଳମଗଞ୍ଜ ଛକ ନିକଟରେ ଥିବା ଡ୍ରେନ୍(ମହାନାଳ)ରେ ଅଳିଆ ଆବର୍ଜନା ଭର୍ତ୍ତି ପାଇଁ ଦାୟୀ କିଏ ? ସହରର ବିଭିନ୍ନ ନାଳନର୍ଦ୍ଦମାର କଦର୍ମାକ୍ତ ଅଳିଆଆବର୍ଜନା ସହ ଦୂଷିତ ପାଣି ଆସି ନଳମଗଞ୍ଜ ଛକରେ ଥିବା ଡ୍ରେନ୍‌ରେ ପଡ଼ିଥାଏ । ପୁଣି ସେହି ପାଣି ବିଭିନ୍ନ ନାଳ ମାଧ୍ୟମରେ ସହର ଅତିକ୍ରମ କରି ନଦୀରେ ପଡ଼ିଥାଏ । ମାତ୍ର ଦୁଃଖର ବିଷୟ ଆମ ବୁଦ୍ଧିମାନ ମ୍ୟୁନିସିପାଲିଟି କର୍ମକର୍ତ୍ତା ସେହି ଡ୍ରେନ୍ ନିକଟରେ ଏକ ଜାଲି ବସାଇଦେଇଛନ୍ତି । ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କର କହିବା ଅନୁଯାୟୀ ଅଳିଆ ଆବର୍ଜନା ଗୁଡ଼ିକ ଜାଲିରେ ଅଟକିଯାଇ କେବଳ ପାଣି ଏହି ନାଳ ସାହାଯ୍ୟରେ ତଳକୁ ଯାଇପାରିବ । ମାତ୍ର ଦୁଃଖର କଥା, ଏହି ନଳମଗଞ୍ଜ ଛକର ମହାନାଳ ନିକଟରେ ଏବେ ଏତେ ପରିମାଣରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇଯାଇଛି ଯେ, ପାଣି ପାସ୍ କରିବା ଦୂରର କଥା, ସେଠାରୁ ଯେଉଁ କଦର୍ଯ୍ୟ ଦୁର୍ଗନ୍ଧ ବାହାରୁଛି ରାସ୍ତାରେ ଯାଉଥିବା ଲୋକ ନାକକୁ ବନ୍ଦ କରିବା ପାଇଁ ବାଧ୍ୟ ହେଉଛନ୍ତି । ଏହି ନାଳରେ ମଇଳା ପାଣି ଜମିରହିବା ଯୋଗୁଁ ମଶାଙ୍କର ବାସଗୃହ ପାଲଟିଯାଇଛି । ଫଳରେ ଦୁର୍ଗନ୍ଧ ସହ ମଶା ମାନଙ୍କର ପ୍ରାଦୁର୍ଭାବ ଏତେ ପରିମାଣରେ ବଢ଼ିଯାଇଛି ଯେ, ସେ ଅଞ୍ଚଳର ଲୋକମାନେ ତ୍ରାହି ତ୍ରାହି ଛାଡୁଛନ୍ତି । ଯଦି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଶୀଘ୍ର ଏହି ଜାଲିକୁ ନହଟାନ୍ତି ତେବେ ସେଠାକାର ଲୋକଙ୍କ ଜନଅସନ୍ତୋଷ ଦେଖାଦେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ବନ୍ଦର ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକାକରଣ



ପାରାଦୀପ,୧୨/୦୩ (ନି.ପ୍ର): ପାରାଦୀପ ବନ୍ଦର ଚିକିତ୍ସାଳୟରେ କୋଭିଡ୍ ଯୋଦ୍ଧା ଓ କର୍ମଚାରୀଙ୍କୁ କୋଭିଡ୍ ଟିକାକରଣ ପରେ ମାର୍ଚ୍ଚ ୪ତାରିଖରୁ ବନ୍ଦର ଅବସରପ୍ରାପ୍ତ କର୍ମଚାରୀ ଏବଂ ୬୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ସର୍ବସାଧାରଣ ନାଗରୀକ ମାନଙ୍କୁ ଟୀକାକରଣ ଆରମ୍ଭ ହୋଇଯାଇଛି । ଏହି ପର୍ଯ୍ୟାୟରେ ମାର୍ଚ୍ଚ ୧୨ତାରିଖ ସୁଦ୍ଧା ୭୫୩ଜଣଙ୍କୁ ଟୀକାକରଣ ହୋଇଛି ବୋଲି ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡାଙ୍କ ଠାରୁ ସୂଚନା ମିଳିଛି । ତେବେ ଟୀକାକରଣ ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇନଥିବା ବନ୍ଦ ଚିକିତ୍ସାଳୟ ପକ୍ଷରୁ ଜଣାପଡିଛି ।

## ୧୧କେଭି ବିଦ୍ୟୁତ୍ ଆଘାତରେ ଯୁବକର ମୃତ୍ୟୁ



ଧାମନଗର,୧୨/୦୩ (ନି.ପ୍ର): ଧାମନଗର ଥାନା ଅନ୍ତର୍ଗତ ଦୋବଲ ପଞ୍ଚାୟତ ସୋଧଗ୍ରାମର ଦୟାନିଧି ଯେନାଙ୍କର ୧୧କେଭି ବିଦ୍ୟୁତ୍ ଆଘାତରେ ମୃତ୍ୟୁ । ଦୟାନିଧି ଜଣେ ଦିନ ମଜୁରିଆ ହୋଇଥିବାବେଳେ ପଡ଼ିଶାଘରର ଏକ ଗଛକାଟିବାକୁ ଯାଇଥିଲେ । ଗଛରେ ଚଢି ରଶି ବାନ୍ଧୁ ଥିବାବେଳେ ନିକଟରେ ଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆଶି ତଳକୁ ଖସିପଡ଼ିଥିଲେ । ବିଦ୍ୟୁତ୍ ଆଘାତରେ ଗୁରୁତର ଦୟାନିଧିଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ମଧ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ମୃତ ଦୟାନିଧିଙ୍କ ଭାଇ ଧନେଶ୍ୱର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଧାମନଗର ପୋଲିସ ମେଡ଼ିକାଲରେ ପହଂଚି ଶବ ଜବତ ସହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାଯାଇଛି । ଧାମନଗର ପୋଲିସ ଏ ସମ୍ପର୍କରେ ଥାନା କେସ ନଂ ୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣାର ଅଧିକ ତଦନ୍ତ ପାଇଁ ଏସ୍ ଆଇ ମୋତିଲାଲ ମାରାଣ୍ଡିଙ୍କୁ ଥାନା ଅଧିକାରୀ ରତିକାନ୍ତଗିରି ଦାୟିତ୍ୱ ଦେଇଥିବା ଜଣାଯାଇଛି । ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନ ଓ ଜୀବନ ହାନି ଘଟୁଥିବା ଅଭିଯୋଗ ହେଉଛି ।

## ସ୍ୱାଧୀନତାର ୭୫ବର୍ଷ ପାଳନ ପାଇଁ ଓଡ଼ିଶାରେ ସର୍ବଦଳୀୟ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୧୨/୦୩ (ନି.ପ୍ର): ଦେଶ ସ୍ୱାଧୀନତାର ୭୫ବର୍ଷ - ଅମୃତ ମହୋତ୍ସବ ପାଳନ ନିମନ୍ତେ କେନ୍ଦ୍ର ସରକାର ଏକ ୨୫୯ ଜଣିଆ ସର୍ବଦଳୀୟ କମିଟି ଗଠନ କରିଛନ୍ତି । ଏହି କମିଟିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ସାଂସଦ, ଲେଖକ, ବୁଦ୍ଧିଜୀବୀ, କବି, ଶିଳ୍ପୀ, ସଂଗୀତଜ୍ଞଙ୍କ ସମେତ ବିଭିନ୍ନ କ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିବିଶେଷଙ୍କୁ ସ୍ଥାନ ଦିଆଯାଇଛି । ରାଜ୍ୟରେ ଏହି ମହୋତ୍ସବକୁ ମର୍ଯ୍ୟାଦାର ସହିତ ପାଳନ ନିମନ୍ତେ କେନ୍ଦ୍ରୀୟ ଢାଂଚାରେ ଏକ ସର୍ବଦଳୀୟ କମିଟି ଗଠନ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ସମାଜବାଦୀ ପାର୍ଟି ରାଜ୍ୟ କମିଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବିଭିନ୍ନ ରାଜନୈତିକ ଦଳ, ସାହିତ୍ୟିକ, ଲେଖକ, ଶିଳ୍ପୀ ଓ ଅନ୍ୟାନ୍ୟ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ନେଇ ସ୍ୱାଧୀନତାର ୭୫ବର୍ଷ ପାଳନ ପାଇଁ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିବାକୁ ପତ୍ର ଲେଖି ଦାବି କରିଛନ୍ତି । ଏହା ବ୍ୟତୀତ ଏହି ଉତ୍ସବ ପାଳନ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରିବାକୁ ମଧ ସରକାର ପଦକ୍ଷେପ ନେବାକୁ ଶ୍ରୀ ବେହେରା ଏହି ପତ୍ରରେ ଉଲ୍ଲେଖ କରିଛନ୍ତି ।

## କାଠପାଳଠାରେ ସରକାରୀ ଭେଟନାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

ବାରିପଦା,୧୨/୦୩ (ନି.ପ୍ର): ବାରିପଦା ନିକଟସ୍ଥ କାଠାପାଳଠାରେ ୧୦୦ ଏକକରୁ ଅଧିକ ଜମି ଭେଟନାରୀ ବିଭାଗ ଅଧିନରେ ଅଛି । ଯେଉଁଠି ପୂର୍ବରୁ ଗାଇ ଫାର୍ମ ଏବଂ ଫୁଡାର ଚାଷ କରାଯାଉଥିଲା ଏବଂ ଏହି ମୂଲ୍ୟବାନ ଜମି ୪ ଥାକିଆ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ । ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଓଡ଼ିଶାର ସବୁଠାରୁ ବଡ ଜିଲ୍ଲା ଏବଂ ଏହି ଜିଲ୍ଲାରେ ୨୬ଟି ବ୍ଲକ ରହିଛି । ଗାଈ, କୁକୁଡା ଏବଂ ଛେଳି ଚାଷ ଉପରେ ମୟୂରଭଞ୍ଜବାସୀ ବାସୀ ନିର୍ଭର କରନ୍ତି ଏବଂ ଅନ୍ୟ ଜିଲ୍ଲା ତୁଳନାରେ ମୟୂରଭଞ୍ଜ ଜିଲ୍ଲାରେ ଗାଈ, କୁକୁଡା ଓ ଛେଳି ସଂଖ୍ୟା ବେଶୀ । ଉଡନ୍ତା କୁକୁଡା ଏବଂ କାଳିଆ ଛେଳି ମୟୂରଭଞ୍ଜ ଜିଲ୍ଲାରେ ଅଧିକ ମାତ୍ରାରେ ଦେଖାଯାଆନ୍ତି । ଉତ୍ତର ଓଡ଼ିଶାରେ ପଶୁପକ୍ଷୀଙ୍କ ଉନ୍ନତି ପାଇଁ ସେଭଳି କୌଣସି ଅନୁଷ୍ଠାନ ନାହିଁ । ମୟୂରଭଞ୍ଜ ଜିଲ୍ଲାରେ ଅର୍ଦ୍ଧାଧିକ ଭାଗରେ ମାଛ ଚାଷ କରାଯାଇପାରିବ ଏବଂ ପାଖ ବାଲେଶ୍ୱର ଜିଲ୍ଲାରେ ସାମୁଦ୍ରିକ ମାଛ ଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ ରହିଛି । ଗବେଷଣା କରିବା ପାଇଁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଏବଂ ଜୈବ ବିବିଧତା ଭରପୁର ଶିମିଳିପାଳ ମଧ ରହିଛି । ତେଣୁ ବାରିପଦା ନିକଟସ୍ଥ କାଠପାଳଠାରେ ସରକାରୀ ଭେଟନାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ସର୍ବୋତ୍କୃଷ୍ଟ ବୋଲି ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ତାଙ୍କ ପତ୍ରରେ ଦର୍ଶାଇଛନ୍ତି । ତା ଛଡା ଓ.ୟୁ.ଏ.ଟି ବାରିପଦାଠାରେ ଗୋଟିଏ ଟେକ୍‌ନୋଲୋଜି କଲେଜ ସ୍ଥାପନ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ ଯାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ ବୋଲି ଶ୍ରୀମତୀ ହେମ୍ବ୍ରମ ଦର୍ଶାଇଛନ୍ତି ।

## ଜେଲରେ ସଚେତନତା, ଭଜନ - ପ୍ରବଚନ କାର୍ଯ୍ୟକ୍ରମ



ଜଳେଶ୍ୱର, ୧୨/୩ (ନିପ୍ର) : ଆଜି ଅପରାହ୍ନରେ କଳା ଓ କଳାକାର ବିକାଶ ପରିଷଦ ଆନୁକୂଲ୍ୟରେ ଜଳେଶ୍ୱର ସୁଧାରଗୃହ (ଜେଲ) ଅନ୍ତେବାସୀଙ୍କ ପାଇଁ ପରିବର୍ତ୍ତନର ଭାବନା, ସଚେତନତା, ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲା ରକ୍ତଦାତା ସଂଘର ସଭାପତି କମଳଚକ୍ରବର୍ତ୍ତୀ ସଭାପତିତ୍ୱ କରି ସୁଧାରଗୃହର ଅନ୍ତେବାସୀଙ୍କ ମାନସିକ ପରିବର୍ତ୍ତନ ଓ ଭାବନା ସଂପର୍କରେ କହିଥିଲେ । ଅତିଥିଭାବରେ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି, ସୁନିଲ ନାୟକ, କଳା ଓ କଳାକାର ବିକାଶ ପରିଷଦ ସଭାପତି ଚନ୍ଦ୍ରମୋହନ ରାଉଳ, ପତିତପାବନ ପ୍ରଧାନ, ଭାସ୍କର ମିଶ୍ର, ଗୌରୀବାଳା ମହାନ୍ତି ଓ ଅବନୀ ଚାନ୍ଦ, ଇଂ କ୍ଷଣପ୍ରଭା ଗିରି ପ୍ରମୁଖ ଯୋଗ ଦେଇ ଅପରାଧିକରଣର କାର୍ଯ୍ୟକଳାପ ଭୁଲି ନୂତନ ଶୈଳୀରେ ନିଜକୁ ପ୍ରତିପାଦିତ କରିବାଲାଗି ପ୍ରଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ । ମନୋରଂଜନ ଦାସ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସବ୍‌ଜେଲର ଅନୁସୂୟା ଷଡଙ୍ଗୀ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନ୍ତେବାସୀଙ୍କ ମଧ୍ୟରୁ ବିଭିନ୍ନ ସେବା ଓ ପାରଦର୍ଶୀତା ଲାଗି ରବି ମୁଣ୍ଡା, ସମୀର ବେହେରା, ପରିମଳ ମଣ୍ଡଳ, ଶରତ ଚନ୍ଦ୍ର ଦାସ, ରାଜେନ୍ଦ୍ର ମହାନ୍ତି, ମୃତ୍ୟୁଞ୍ଜୟ ସେଠୀ, ବାଣଷ୍ଟୁ ଦାଦ, ସୁବ୍ରତ ସରେନ୍, ପୂର୍ଣ୍ଣଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ଦାସ, ପ୍ରଶାନ୍ତ ବେହେରା, ରବିନ୍ଦ୍ର ବେହେରା, ସୁବ୍ରତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ସବ୍‌ଜେଲର ଅନୁସୂୟା ଷଡଙ୍ଗୀ ଓ କ୍ଷଣପ୍ରଭା ଗିରିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ସାଧନା ସାହିତ୍ୟ ଏକାଡେମୀର ବାର୍ଷିକ ଉତ୍ସବ

### 'ଭୂମି-ଭୂମାର-ଭୌମକର କାନ୍ତକବି ଲକ୍ଷ୍ମୀକାନ୍ତ' ଗ୍ରନ୍ଥ ଲୋକର୍ପିତ



ଭଦ୍ରକ,୧୨।୩: (ନି.ପ୍ର): ଭଦ୍ରକ ସହିଦ୍ ସ୍ମୃତି ଭବନରେ ସାଧନା ସାହିତ୍ୟ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ଏକାଡେମୀର ସଭାପତି ତଥା ରାଜ୍ୟ ବିରୋଧୀ ଦଳର ଉପନେତା, ସାହିତ୍ୟିକ ବିଷ୍ଣୁ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ମୁଖ୍ୟ ଅତିଥି, ଓଡ଼ିଆ ଭାଷା ସାହିତ୍ୟର ବିଶିଷ୍ଟ ଗବେଷକ ଡକ୍ଟର ବାବାଜି ଚରଣ ପଟ୍ଟନାୟକ ମୁଖ୍ୟବକ୍ତା, ଗବେଷକ ଡକ୍ଟର ହରିହର କାନୁନ୍‌ଗୋ, କଥାକର ପବିତ୍ର ପାଣିଗ୍ରାହୀ, ସାହିତ୍ୟିକ ଇଂ ଅଭୟ ସୂତାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସାରସ୍ୱତ ସୃଷ୍ଟି ଓ ତାଙ୍କ ଜୀବନ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ ତାଙ୍କ ଲିଖିତ 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଂଗୀତ ମାନ୍ୟତା ପାଇବା ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ଅଧାପିକା ମମତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏକାଡେମୀର ସମ୍ପାଦକ କଳିଙ୍ଗରତ୍ନ ପଣ୍ଡିତ ଦୈତାରୀ ମହାପାତ୍ର ସାଧନା ସାହିତ୍ୟ ଏକାଡେମୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଏହି ଅବସରରେ ଗବେଷଣାଧର୍ମୀ ଗ୍ରନ୍ଥ 'ଭୂମି-ଭୂମାର-ଭୌମକର କାନ୍ତକବି ଲକ୍ଷ୍ମୀକାନ୍ତ', 'ସାଧନାଶ୍ରୀ' ଏବଂ 'ବିଭାବସୁ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏଥି ସହିତ ଛାତ୍ରଛାତ୍ରୀ ଓ ଗବେଷକ ଗବେଷିକାମାନଙ୍କୁ ନେଇ ନେଇ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଉପରେ ବକ୍ତୃତା ପ୍ରତିଯୋଗିତା ଓ କବିତା ପାଠେ କରାଯାଇଥିଲା । ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବିଭାଗରୁ ପ୍ରଥମ ୩ଜଣଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସଭାର ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ସାହିତ୍ୟିକ ଇଂ ଅଭୟ ସୂତାର ଅଧକ୍ଷତା କରିଥିବା ବେଳେ କବୟିତ୍ରୀ ଗୀତାରାଣି ଆଇଚ, ପ୍ରାଧାପିକା ପ୍ରଭାତ ନଳିନୀ ମହାପାତ୍ର, ଅଧାପକ ଅମରେନ୍ଦ୍ର ପଣ୍ଡା, ଅଧାପକ ନୀହାର ରଂଜନ କର, ସାହିତ୍ୟିକ ରାମଚନ୍ଦ୍ର ସାହୁ, ଆଦର୍ଶ ଶିକ୍ଷକ ସତ୍ୟସୁନ୍ଦର ପରିଡା, ଶରତ ଚନ୍ଦ୍ର ଜେନା, ସାହିତ୍ୟିକ ବିଭୂତି ଭୂଷଣ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସୃଷ୍ଟି ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଶିକ୍ଷୟତ୍ରୀ ଜାନକୀ ପାଢୀ ଏବଂ କବି ସତ୍ୟ ପ୍ରକାଶ ସେଠୀ କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ । ଶିକ୍ଷା ସଂଯୋଜିକା ରଶ୍ମିତା ଦାଶ, ଶିକ୍ଷା ସଂଯୋଜକ ଶରତ ଚନ୍ଦ୍ର ଯେନା, କବି ବିପ୍ଳବ ହୋତା, ସୁମିତ୍ରା ପାଣି, ନାଟ୍ୟଶ୍ରୀ ନିର୍ମଳ ରାଉତ, ନାଟ୍ୟନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ, ଚୈତଳୀ ଖିଲାର, ଦୟାନିଧି ବେହେରା ସଭା ପରିଚାଳନା କରିଥିବା ବେଳେ ମାଳତୀ ପାଢୀଙ୍କ ତତ୍ତ୍ୱାବଧାନରେ 'ମଉଡ଼ମଣି ସାଂସ୍କୃତିକ ଏକାଡେମୀ' ଦ୍ୱାରା କୁନିକୁନି ପିଲାଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା । ଶେଷରେ ଆଦର୍ଶ ଶିକ୍ଷୟତ୍ରୀ ରଶ୍ମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo